ଧରିତ୍ରୀ
DHARITRI

December 17-23, 2023 ₹ 2/-

ଧରିତ୍ରୀ DHARITRI 50 Years

# ଛୁଟିଦିନ



# ତୈଳ ଚିକିତ୍ସା

ସାରା ବିଶ୍ୱରେ ତୈଳ ଚିକିତ୍ସାର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବାବେଳେ ଓଡ଼ିଶାରେ ମଧ୍ୟ ଏହାର ଲୋକପ୍ରିୟତା କିଛି କମ୍ ନୁହେଁ ଓଡ଼ିଶାରେ ଥିବା କିଛି ସ୍ୱତନ୍ତ୍ର ତୈଳ ଚିକିତ୍ସା ସମ୍ପର୍କରେ ଏଥରର ପ୍ରଚ୍ଛଦ...

ପ୍ରଚ୍ଛଦ ପ୍ରସଙ୍ଗ ୩



# ୭ଟି ଦୌଡୁଥିବା ଘୋଡ଼ାର ଚିତ୍ର ଥିଲେ..

**ବାସ୍ତୁଶାସ୍ତ୍ର ଅନୁଯାୟୀ, ୭ଟି ଘୋଡ଼ା ଦୌଡୁଥିବାର ଚିତ୍ର କିମ୍ବା ପେଣ୍ଟିଂକୁ ଘରେ ହେଉ ଅବା ଅଫିସ୍‌ରେ ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। କାରଣ ଏହା ସଫଳତା, ପ୍ରଗତି ତଥା ଶକ୍ତିର ପ୍ରତୀକ ବୋଲି ବି କୁହାଯାଏ। ତେବେ ଜାଣନ୍ତୁ କେଉଁଠି ଲଗାଇବେ ଏହି ଚିତ୍ର...**



* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘର ହେଉ ଅବା ଅଫିସ୍‌ର ଦକ୍ଷିଣ ଦିଗରେ ଥିବା କାନ୍ଥରେ ୭ଟି ଘୋଡ଼ା ଦୌଡୁଥିବାର ଚିତ୍ର ଲଗାଇଲେ ବ୍ୟବସାୟ ତଥା କ୍ୟାରିୟର୍‌ରେ ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି।
* ଯଦି ଏହାକୁ ଉତ୍ତର ଦିଗ କାନ୍ଥରେ ଲଗାଯାଏ, ତା'ହେଲେ ଧନ, ସମୃଦ୍ଧିକୁ ଡାକି ଆଣିଥାଏ। ବେପାର କ୍ଷେତ୍ରରେ ଲାଭ ପାଇବାକୁ ଚାହୁଁଥିଲେ ଅଫିସ୍ ହେଉ ଅବା ବ୍ୟବସାୟ ସ୍ଥାନରେ ଏହି ଚିତ୍ର ବ୍ୟତୀତ ତମ୍ବା ପିତଳ ଅଥବା ରୁପାରେ ତିଆରି ଦୌଡୁଥିବା ଘୋଡ଼ାର ମୂର୍ତ୍ତି ମଧ୍ୟ ରଖିପାରିବେ।
* କ୍ୟାରିୟର୍ କ୍ଷେତ୍ରରେ ଉନ୍ନତି ଚାହୁଁଥିଲେ ୭ଟି ଦୌଡୁଥିବା ଘୋଡ଼ାର ପେଣ୍ଟିଂକୁ ଘରର ପୂର୍ବ ଦିଗ କାନ୍ଥରେ ଟଙ୍ଗାଇବା ଶୁଭ ହୋଇଥାଏ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ପ୍ରଗତିର ପ୍ରତୀକ କୁହାଯାଉଥିବା ଏହି ଦୌଡୁଥିବା ଘୋଡ଼ାର ଚିତ୍ରକୁ ଘରର ଡ୍ରଇଂ ରୁମ୍ ହେଉ ଅବା ଷ୍ଟଡି ରୁମ୍ ଅବା ୱାର୍କ ପ୍ଲେସ୍‌ରେ ଲଗାଇହେବ କିନ୍ତୁ ବେଡ୍‌ରୁମ୍‌ରେ ଭୁଲ୍‌ରେ ବି ଲଗାଇବେ ନାହିଁ।
* ତେବେ ଧ୍ୟାନଦେବେ, ସର୍ବଦା ଶାନ୍ତିପୂର୍ଣ୍ଣ ଭାବେ ଦୌଡୁଥିବା ଘୋଡ଼ାର ଚିତ୍ରକୁ କାନ୍ଥରେ ଲଗାଇବେ। ନଚେତ୍ ଫଳ ଓଲଟା ମିଳିବାର ଆଶଙ୍କା ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧୭-୨୩

### ମେଷ


କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସଭାସମିତିକୁ ନିମନ୍ତ୍ରଣ, ବନ୍ଧୁଙ୍କ ପରାମର୍ଶରେ କାର୍ଯ୍ୟସିଦ୍ଧି, ଆତ୍ମୀୟଙ୍କ ସାହାଯ୍ୟ, ବିବାଦର ଅବସାନ, ଦାୟିତ୍ୱବୋଧ ବଢ଼ିବ, ସତର୍କତା ଅଭାବରୁ ସମସ୍ୟା, ଋଣଗ୍ରସ୍ତ ହୋଇପାରନ୍ତି, ପାରିବାରିକ ଶାନ୍ତି, ଆରୋଗ୍ୟ ଲାଭରୁ ଆଶ୍ୱସ୍ତି।

### ବୃଷ


କର୍ମ ପରିସର ବୃଦ୍ଧି, ଘରକଥା ବୁଝି ପାରିବେନି, କଳହରୁ ସମ୍ପର୍କହାନୀ, ସହକର୍ମୀଙ୍କ ସାହାଯ୍ୟ, ପୈତୃକ ସମ୍ପତ୍ତିରେ ବିବାଦ, ବନ୍ଧୁ କଥାରେ ପ୍ରଭାବିତ, ସାମାଜିକ ସ୍ତରରେ ସମ୍ମାନ, ଦୂରଯାତ୍ରାର ଯୋଜନା, ଋଣ ପରିଶୋଧ କରିବେ।

### ମିଥୁନ


ମାନସିକ ଦ୍ୱନ୍ଦ୍ୱ, ବୃଥା ସନ୍ଦେହ, ଭୁଲ୍ ବୁଝାମଣାରୁ ଅଶାନ୍ତି, ସନ୍ତାନଙ୍କ କୃତିତ୍ୱ, ସରକାରୀ ସହାୟତା, ସ୍ଥଗିତ କାର୍ଯ୍ୟାରମ୍ଭ, ସଙ୍କଟର ସମ୍ମୁଖୀନ ହେବେ, ଗୃହୋପଯୋଗୀ ଜମିଲାଭ, ପ୍ରଶାସନିକ ତତ୍ପରତା ।

### କର୍କଟ


ଦୈହିକ ଦୁର୍ବଳତା, ମନ ଭାରାକ୍ରାନ୍ତ ରହିବ, ଦ୍ରବ୍ୟନଷ୍ଟରୁ ବିତର୍କ, ଅସଂଯତ କଥାରୁ ବିବାଦ, ରଚନାତ୍ମକ କାମରୁ ପ୍ରଶଂସା, ଇଚ୍ଛା ବିରୋଧରେ କାମ, ଅବହେଳିତ କାର୍ଯ୍ୟ ।

### ସିଂହ


ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା, ସଭାସମିତିକୁ ନିମନ୍ତ୍ରଣ, ନୂତନ କର୍ମସଂସ୍ଥାନ, ସହକର୍ମୀଙ୍କ ଅନୁରକ୍ତି, ପରିବହନରେ ଉନ୍ନତି, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ, ସହକର୍ମୀଙ୍କ ବିରୋଧ, ଭ୍ରମଣ ସୁଯୋଗ, ପରିଜନଙ୍କ ସହ ଯାତ୍ରା ।

### କନ୍ୟା


ଶୁଭଖବର ପ୍ରାପ୍ତି, ଆର୍ଥିକ ଅଭିବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, କଳାପ୍ରିୟ ହେବେ, ଅସ୍ୱସ୍ତିକର ପରିବେଶରୁ କ୍ଷୋଭ, ଅହେତୁକ ଚିନ୍ତାରୁ ମୁଣ୍ଡବ୍ୟଥା, ପରିବାରରେ ଭୁଲ୍ ବୁଝାମଣା, ଅଧାପନ୍ତରିଆ କାମରୁ ମନସ୍ତାପ, ବିଶ୍ୱାସରୁ ପ୍ରତାରଣା, ବନ୍ଧୁଙ୍କ ଓଲଟା କଥା, ମାମୁଲି ଘଟଣାରେ ଉଚ୍ଚବାଚ।

### ତୁଳା


ସହକର୍ମୀଙ୍କ ବିରୁଦ୍ଧାଚରଣ, ବନ୍ଧୁମିଳନରୁ ଆନନ୍ଦ, ଅଧସ୍ତନଙ୍କ ଅନୁରକ୍ତି, ଆଶାନୁରୂପ ଫଳ, ଛଳନାତ୍ମକ କଥାରୁ ଦ୍ୱନ୍ଦ୍ୱ, ଯାନ୍ତ୍ରିକ ତ୍ରୁଟିରୁ ହଇରାଣ, ଧର୍ମକାର୍ଯ୍ୟ କରିବେ, ବିଦେଶ ଯାତ୍ରାର ସୁଯୋଗ, ଆର୍ଥିକ ଦୁରବସ୍ଥା, ସୁସମ୍ପର୍କ ବୃଦ୍ଧି ।

### ବିଛା


ନୂତନ ଯୋଜନାର ପରିକଳ୍ପନା, ବନ୍ଧୁବର୍ଗଙ୍କ ପରାମର୍ଶ, ସ୍ଥଗିତ କାମରୁ ବିତର୍କ, କୈଫିୟତ ତଲବ ହୋଇପାରେ, ଶୁଭ ଖବରରୁ ଆନନ୍ଦ, ଖୁସିଗପର ମଉକା, ସହମତିରେ କାର୍ଯ୍ୟ, ସମସ୍ୟା ସମାଧାନ, ଲୋକସମ୍ପର୍କ ବଢ଼ିବ, ବ୍ୟବସାୟିକ ସଫଳତା ।

### ଧନୁ


ପଡ଼ୋଶୀଙ୍କ ପ୍ରଶଂସା, ଉପରିସ୍ଥଙ୍କ ତାଗିଦା, ଲଘୁକ୍ରୋଧରୁ ସମ୍ପର୍କହାନି, କାମରେ ପ୍ରତିବନ୍ଧକ, ବନ୍ଧୁଙ୍କ ବିଶ୍ୱାସଘାତକତା, ନିର୍ମାଣାଧୀନ କାର୍ଯ୍ୟରେ ଦ୍ୱନ୍ଦ୍ୱ, ନିଜଲୋକଙ୍କୁ ସନ୍ଦେହ, ଅଭିଯୋଗ ଆସିପାରେ, ଦୂରଯାତ୍ରା ସ୍ଥଗିତ, କୂଟନୈତିକ ବିଜୟ ।

### ମକର


ଆରୋଗ୍ୟ ଲାଭ, ବନ୍ଧୁଙ୍କ ବଦାନ୍ୟତା, ମିତ୍ରଙ୍କ ସହାନୁଭୂତି, ପାରିବାରିକ ଶାନ୍ତି, ଅପ୍ରିୟ ସତ୍ୟରୁ କଳହ, ଅସାବଧାନତାରୁ ପକେଟ୍‌ମାର, ଜମିଜମା କ୍ରୟ, ଚୁକ୍ତିପତ୍ର ସମ୍ପାଦନ, କିଣାବିକାରେ ଠକାମି, ପାରିବାରିକ ଅଶାନ୍ତି, ପରୋପକାରରୁ ପ୍ରଶଂସା, ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ ।

### କୁମ୍ଭ


କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ଅର୍ଥଲାଭରୁ ଆନନ୍ଦ, ସାଧୁସଙ୍ଗ ଲାଭ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ବିଶ୍ୱାସ କରି ହଇରାଣ, ପରିସ୍ଥିତିର ମୁକାବିଲା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ, ପ୍ରାପ୍ୟଧନରେ ବାଧା ।

### ମୀନ


କାର୍ଯ୍ୟବ୍ୟସ୍ତତା, ଯାତ୍ରାରେ ଦ୍ୱନ୍ଦ୍ୱ, ଅଭିଳଷିତ ଫଳପ୍ରାପ୍ତି, ଆମୋଦ ପ୍ରମୋଦର ମଉକା, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟ ସ୍ୱଜନଙ୍କ ପ୍ରତିବାଦ, ଅର୍ଥପ୍ରାପ୍ତିର ଯୋଜନା, ବିଳମ୍ବିତ ରାୟରୁ ମନସ୍ତାପ, କରଜଦାତାଙ୍କ ଚାପ, ବକେୟା ଅର୍ଥପ୍ରାପ୍ତି, ଦୈହିକ ଦୁର୍ବଳତା ।

# ଶୀତରେ ଏମିତି ରହିବେ ଫିଟ୍

**ଶୀ**ତଦିନେ ଫିଟ୍ ରହିବା ପାଇଁ ଟିକେ ଅଧିକ ଯତ୍ନବାନ ହେବାକୁ ପଡ଼ିଥାଏ। ତା'ସହିତ କିଛିଟା ଜରୁରୀ ଡାକ୍ତରୀ ଟିପ୍ସକୁ ବି ମାନିବାକୁ ହୁଏ। ଯେମିତି କି ଶୀତଦିନେ ଶୋଷ ବେଶି ଲାଗୁ ନ ଥିବାରୁ ଅନେକେ ଏହିଦିନେ କମ୍ ପାଣି ପିଇଥାନ୍ତି; ଯଦ୍ୱାରା ସେମାନଙ୍କଠାରେ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଇଥାଏ। ଝାଡ଼ା ପରିଷ୍କାର ହୁଏନାହିଁ ଇତ୍ୟାଦି। ତେଣୁ ଏହିଦିନେ ସକାଳୁ ଖାଲିପେଟରେ ହାଲ୍‌କା ନଖ ଉଷୁମ ପାଣି ପିଇବା ଭଲ। ଏହା ଡାଇଜେଷ୍ଟିଭ୍ ସିଷ୍ଟମକୁ ସକ୍ରିୟ କରିବା ସହ ବିଭିନ୍ନ ପ୍ରକାରର ସ୍କିନ୍ ପ୍ରୋବ୍ଲେମ୍‌କୁ ମଧ୍ୟ ଠିକ୍ କରିଥାଏ। ସେହିପରି ଶୀତଦିନେ ସପ୍ତାହକୁ ଥରେ ଷ୍ଟିମ୍ ନେବା ବି ଜରୁରୀ। ଏହା ଥଣ୍ଡା, କାଶ ସମସ୍ୟାରୁ ଅନେକାଂଶରେ ଉପଶମ ଦେଇଥାଏ। ଅନ୍ୟପକ୍ଷେ ଶୀତଦିନେ ପ୍ରତିଦିନ ନଡ଼ିଆ ତେଲର ମସାଜ ନେବା ବି ଶରୀର ପକ୍ଷେ ଉତ୍ତମ ହୋଇଥାଏ। ଏହାଛଡ଼ା ଶୀତଦିନେ ବିଟ୍ ରୁଟ୍‌କୁ ସାଲାଡ୍‌ରେ ବ୍ୟବହାର କରି ଖାଇବା କିମ୍ବା ଏହାର ଜୁସ୍ ପିଇବା ବି ଶରୀରକୁ ଅନେକ



ଉପକାର ଦେଇଥାଏ। ସେହିପରି ଚିନି ପରିବର୍ତ୍ତେ ଶୀତଦିନେ ଗୁଡ଼ ଖାଇବା ବି ସୁସ୍ୱାସ୍ଥ୍ୟ ପ୍ରଦାନ କରିଥାଏ। ଗୁଡ଼ର ଆଉ ଏକ ଫାଇଦା ହେଉଛି ଏହା ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ।

# ପାଠକୀୟ

* ସମସ୍ତେ ସ୍ଲୋଗାନ ଦିଅନ୍ତି ସତ। ତଥାପି ବି ଆଜି ସାଧାରଣ ଜୀବନଟେ ପରି ଜୀବନ ଜିଇ ପାରୁ ନାହାନ୍ତି ଏସିଡ୍ ଆଟାକ୍‌ର ଶିକାର ଝିଅଟିଏ ହେଉକି କିନ୍ନର ଅବା ଦିବ୍ୟାଙ୍ଗ। ଖାସ୍ ଏହାକୁ ନଜରରେ ରଖି ଖୋଲିଛି ଏମିତି କିଛି କାଫେ ଓ ରେଷ୍ଟୁରାଣ୍ଟ, ଯେଉଁଠି ସେମାନେ ସ୍ୱାଧୀନଭାବେ କାମ କରିବା ସହ ଜାହିର କରିପାରୁଛନ୍ତି ନିଜର ସ୍ଥିତି। ତେଣୁ ଏଭଳି ଏକ ନିଆରା ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଖାଇବେ, ପିଇବେ ଶିଖିବେ ଜୀବନର ପାଠ'ଟି ସତରେ ବେଶ୍ ମନଛୁଆଁ ଥିଲା। 'ସୁଖୀ ଦାମ୍ପତ୍ୟ ପାଇଁ', 'ସ୍ୱାସ୍ଥ୍ୟବର୍ଦ୍ଧକ କନ୍ଦମୂଳ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ପ୍ରଜ୍ୟୋତି ସେଠୀ, ଫୁଲନଖରା, କଟକ*

* ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ଖାଇବେ, ପିଇବେ ଶିଖିବେ ଜୀବନର ପାଠ' ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଫ୍ୟାଶନେବଲ୍ ସ୍ୱେଟର୍' ବିଷୟରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷାବିତ୍, କବି, ସମାଜସେବୀ କାଳିଚରଣ ଜୟସିଂହଙ୍କ ସଂଘର୍ଷମୟ ଜୀବନୀ ସମ୍ପର୍କରେ ପଢ଼ି ଆଗକୁ ଯିବାକୁ ପ୍ରେରଣା ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ରଙ୍ଗବିଭବ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ଥିଲା।

*– ଉର୍ମିଳା ପ୍ରଧାନ, ଝାରସୁଗୁଡ଼ା*

* ଏଥରର ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଥିଲା। ଖାସ୍‌କରି 'ଇମୋଶନାଲ କମଲ', 'ଆଲିୟାଙ୍କ ଟି ପାର୍ଟି', 'ରାନୀଙ୍କ ଅବସୋସ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା। ଗାଳ୍ପିକ ତପନ ମହାପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। 'ଘରଚଟିଆ ସୁରକ୍ଷାରେ ଦମ୍ପତି' ଶୀର୍ଷକ ଲେଖାଟି ବି ଏକ ନିଆରା ଆଲେଖ୍ୟ ଥିଲା।

*– ମମତା ମହାନ୍ତି, ଚକ୍ରତୀର୍ଥ ରୋଡ, ପୁରୀ*

* ମଡେଲ୍ ମିରର୍‌ରେ ଶ୍ୱେତା ବେଶ୍ ସୁନ୍ଦରୀ ଲାଗୁଥିଲେ। ଅନନ୍ୟ ସହର କରୌଲି ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ସମୁଦ୍ର ଲବଣାକ୍ତ କାହିଁକି' ତାହା ବିବିଧା ପୃଷ୍ଠାରୁ ଜାଣିହେଲା। 'ସବୁଠୁ ବଡ଼ ବେଲୁନ୍ ସ୍ଥାପତ୍ୟ' ପାଠଟି ସତରେ ବେଶ୍ ନିଆରା ଲାଗୁଥିଲା।

*– କୈଳାଶ ଦାସ, ସୋର, ବାଲେଶ୍ୱର*

* ଏଥରର ବ୍ୟଙ୍ଗ 'କାଗଜ ଲଢ଼େଇ ପରେ'ଟି ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା। ଅନ୍ୟପକ୍ଷେ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସବୁଠୁ ଛୋଟ କାର୍', 'ଭାରତର ସ୍ପାଇଡରମ୍ୟାନ' ତଥା '୧୦୦ ବର୍ଷୀୟା ଯୋଗ ଟ୍ରେନର୍' ଶୀର୍ଷକ ଲେଖାଗୁଡ଼ିକ ବି ଆଶ୍ଚର୍ଯ୍ୟକର ହେବା ସହିତ ତଥ୍ୟପୂର୍ଣ୍ଣ ଥିଲା।

*– ମଞ୍ଜୁଲତା ସାହୁ, ଜଟଣୀ, ଖୋର୍ଦ୍ଧା*

## ବିଶେଷ ଚିଠି



**ଖା**ଇବେ, ପିଇବେ
ଶିଖିବେ ଜୀବନର ପାଠ
ଥିଲା ଏକ ନିଆରା ଆଲେଖ୍ୟ,
କରୁଥିଲା କିମିଆଁ ସଭିଙ୍କୁ
ଦେଉଥିଲା ନୂଆ ନୂଆ ବାର୍ତ୍ତା।
ତା'ସାଙ୍ଗକୁ ପୁଣି ସାଥୀ, ସିନେମା
ଆଉ ସହରଠୁ ଦୂର
ଆହୁରି ନିଆରା ଲାଗୁଥିଲା ତୁମ
ପ୍ରଥମ ରୋଜଗାର।
ହେ ମୋର ପ୍ରିୟ ଛୁଟିଦିନ
ମୋହୁଥାଅ ଏମିତି ସଭିଙ୍କର ମନ।

*– ଶୁଭ୍ରାଂଶୁ ମିଶ୍ର, ପୋଖରୀପୁଟ, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ତୈଳ ଚିକିତ୍ସା

**ସାରା ବିଶ୍ୱରେ ତୈଳ ଚିକିତ୍ସାର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବାବେଳେ ଓଡ଼ିଶାରେ ମଧ୍ୟ ଏହାର ଲୋକପ୍ରିୟତା କିଛି କମ୍ ନୁହେଁ ଓଡ଼ିଶାରେ ଥିବା କିଛି ସ୍ୱତନ୍ତ୍ର ତୈଳ ଚିକିତ୍ସା ସମ୍ପର୍କରେ ଏଥରର ପ୍ରଚ୍ଛଦ...**

ସାଧାରଣତଃ ସମସ୍ତେ ଜାଣନ୍ତି ଯେ, ତେଲ ବା ତୈଳ କେଶ ଓ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ଏହା କେବଳ ସୌନ୍ଦର୍ଯ୍ୟ ବଢ଼ାଏ ନାହିଁ ବରଂ ଏହା ଶରୀରକୁ ସୁସ୍ଥ ରଖିବା ସହ ବିଭିନ୍ନ ରୋଗରୁ ମଧ୍ୟ ରକ୍ଷା କରିଥାଏ। ଯେଉଁଥିପାଇଁ କେଉଁ ପୁରାକାଳରୁ ଆଜିଯାଏ ତୈଳ ଚିକିତ୍ସା ବେଶ୍ ଲୋକପ୍ରିୟ ହୋଇ ରହିଛି। ବିଭିନ୍ନ ପ୍ରକାରର ତେଲର ନାନା ପ୍ରକାରର ଔଷଧୀୟ ଗୁଣର ଉପକାରିତାକୁ ନେଇ ଅନେକ ଢଗଢମାଳି ଓ କାହାଣୀ ରହିଛି। ଆୟୁର୍ବେଦିକ ଚିକିତ୍ସା ପଦ୍ଧତିରେ ତୈଳ ଚିକିତ୍ସାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଅନେକେ ଏହାକୁ ପ୍ରାକୃତିକ ଦେଶୀ ଚିକିତ୍ସା ବୋଲି କୁହନ୍ତି। ଯାହାପାଇଁ ଏକ ସ୍ୱତନ୍ତ୍ର ପଦ୍ଧତିରେ ବିଭିନ୍ନ ଜଡ଼ିବୁଟି ବ୍ୟବହାର କରାଯାଇ ଔଷଧୀୟ ତୈଳ ପ୍ରସ୍ତୁତ କରାଯାଇଥାଏ। ଯାହାକି ଅନେକ ରୋଗ ଯନ୍ତ୍ରଣାରୁ ଉପଶମ ଦେବାରେ ସହାୟକ ହୋଇଥାଏ। ସାରାବିଶ୍ୱରେ ଏହି ତୈଳ ଚିକିତ୍ସାର ଚାହିଦା ଥିବାବେଳେ ଓଡ଼ିଶାରେ ଲୋକପ୍ରିୟ ହୋଇଥିବା କିଛି ତୈଳ ଚିକିତ୍ସାର କଥା...

**କାଲୁପଡ଼ା ଘାଟ ସେକ ଚିକିତ୍ସା**– ହାଡ଼ଭଙ୍ଗା ରୋଗୀଙ୍କ ଲାଗି ଦେଶୀ ସେକ ଚିକିତ୍ସା ପାଇଁ କାଲୁପଡ଼ାଘାଟର ପ୍ରସିଦ୍ଧି ରହିଛି। ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ ଅନ୍ତର୍ଗତ କଳେକଳେଶ୍ୱର ଗ୍ରାମପଞ୍ଚାୟତ ଅଧୀନ କାଲୁପଡ଼ାଘାଟ। ଭୁବନେଶ୍ୱରଠାରୁ ୧୬ ନମ୍ବର ଜାତୀୟ ରାଜପଥରେ ଆସିଲେ ପ୍ରାୟ ୬୪କିମି ଦୂର ହେବ। ଏଠାରେ ସେକ ଚିକିତ୍ସା ପଦ୍ଧତିରେ ହାଡ଼ଭଙ୍ଗା ରୋଗୀଙ୍କୁ ଉପଶମ ମିଳିପାରୁଥିବାର ଅନେକ ନଜିର ରହିଛି। ତେବେ କାଲୁପଡ଼ାଘାଟର ସେକ ଚିକିତ୍ସାର ମୂଳଦୁଆ ଥିଲା ଅଁଳାଡ଼ିହ। ଏହି ଗାଁଟି ଚଣ୍ଡେଶ୍ୱର ଗ୍ରାମପଞ୍ଚାୟତ ଅଧୀନ। ବୈଦ୍ୟ ନୀଳକଣ୍ଠ ମହାନ୍ତି କୁହନ୍ତି, ଆଜକୁ ପ୍ରାୟ ଦେଢ଼ଶହ ବର୍ଷତଳେ ଅଁଳାଡ଼ିହ ଗ୍ରାମର ମା' ବାଟଘୁମେଇଙ୍କ ମନ୍ଦିର ପଛପଟୁ ଏହି ଗାଁର ବନମାଳୀ ଦାସ ନାମକ ଜଣେ ବ୍ୟକ୍ତି ଏକ ତାଳପତ୍ର ପୋଥି ପାଇଥିଲେ। ଏଥିରୁ ସେକ ଚିକିତ୍ସା ପଦ୍ଧତି ସମ୍ପର୍କରେ ଜାଣି ପ୍ରଥମେ ପରୀକ୍ଷାମୂଳକ ଭାବେ କେତୋଟି ଗୃହପାଳିତ ପଶୁପକ୍ଷୀଙ୍କଠାରେ ଚିକିତ୍ସା ପଦ୍ଧତିକୁ ବ୍ୟବହାରକରି ସଫଳତା ପାଇଥିଲେ। ତା' ପରେ ମଣିଷ ଦେହରେ ଏହି ପଦ୍ଧତିକୁ ପ୍ରୟୋଗ କଲେ। ଯାହାଦ୍ୱାରା ସଫଳତା ମିଳିଥିଲା। ଏହାପରେ ବନମାଳୀଙ୍କଠାରୁ ତାଙ୍କ ସାତ ଭାଇଙ୍କ ମଧ୍ୟରେ ପ୍ରଥମେ ହୃଷୀକେଶ ଏହି ପଦ୍ଧତିକୁ ଶିକ୍ଷା ଲାଭ କରି ବିଧିବଦ୍ଧଭାବେ ସେକ ଚିକିତ୍ସା କାର୍ଯ୍ୟକୁ ଲୋକପ୍ରିୟ କରାଇଥିଲେ। ଏହା ଦ୍ୱାରା କେବଳ ହାଡ଼ଭଙ୍ଗା ରୋଗୀ ଏବଂ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଭୋଗୁଥିବା ରୋଗୀ ଉପଶମ ପାଇଲେ। ଏହି ସେକ ଚିକିତ୍ସା ପାଇଁ ନିର୍ଦ୍ଦିଷ୍ଟ ଭାଗମାପରେ ପ୍ରସ୍ତୁତ କେତେକ ଜଡ଼ିବୁଟି ଓ ପଞ୍ଚରସ– କ୍ଷୀର, ଲହୁଣି, ଘିଅ, ମହୁ ଓ ଜଡ଼ାତେଲ ମିଶ୍ରଣରେ ଏକପ୍ରକାର ତୈଳକୁ ବ୍ୟବହାର କରାଯାଏ। ଏଠାକୁ ଆସୁଥିବା ଅସୁସ୍ଥ ବ୍ୟକ୍ତିଙ୍କୁ ବିଭିନ୍ନ ପର୍ଯ୍ୟାୟରେ ସେକ ଚିକିତ୍ସା କରାଯାଇଥାଏ। ଏହାକୁ ଦୁଇଟି ପର୍ଯ୍ୟାୟରେ ଉପଯୋଗ କରାଯାଇଥାଏ। ପ୍ରଥମେ କବିରାଜ ରୋଗୀଙ୍କ ଶରୀରର ଯେଉଁ ସ୍ଥାନରେ ହାଡ଼ଭାଙ୍ଗିଥିବ କିମ୍ବା ଆଘାତ ଲାଗିଥିବ ସେହି ଅବସ୍ଥାକୁ ହାତରେ ଅନୁଧ୍ୟାନ କରି ଏକ ସ୍ୱତନ୍ତ୍ର ପଦ୍ଧତିରେ ପରୀକ୍ଷାକରି ଦେଖନ୍ତି। ଯଦି ହାଡ଼ ଭାଙ୍ଗିଥାଏ କିମ୍ବା ଖସିଯାଇଥାଏ ଆଘାତର ମାତ୍ରାକୁ ଅନୁଭବକରି ଜାଣିପାରନ୍ତି। ତା' ପରେ ତାକୁ ଠିକ୍ ଅବସ୍ଥାକୁ ଆଣି ଖଞ୍ଜାର ଖାପରେ ପକାଇଥାନ୍ତି। ତା' ପରେ ପଞ୍ଚରସ, ଚେରମୂଳିରେ ପ୍ରସ୍ତୁତ ଏକ ପ୍ରକାର ଲେପ ତିନି ଚାରି ପରସ୍ତ କନାରେ ବାନ୍ଧିଥାନ୍ତି। ଭାଙ୍ଗିଯାଇଥିବା ହାଡ଼ ଯେପରି ଏପଟ ସେପଟ ନ ହୁଏ ସେଥିପ୍ରତି ଧ୍ୟାନ ଦେଇ କେତୋଟି ବାଉଁଶ ପାତିଆ ଦେଇ କପଡ଼ା ଦ୍ୱାରା ଭଙ୍ଗା ସ୍ଥାନକୁ ଗୁଡ଼େଇ ବାନ୍ଧିଥାନ୍ତି। ଏମିତି ୩/୪ ଦିନରେ ଥରେ ସେହି କନାକୁ ବଦଳାଯାଇଥାଏ। ପୁନର୍ବାର ଚେରମୂଳି ଲେପକୁ ଲଗାଇ ଦିଆଯାଇଥାଏ। ଏହି ଦେଶୀ ଚିକିତ୍ସାରେ ରୋଗୀଙ୍କୁ ସୁସ୍ଥ ହେବା ଲାଗି ପ୍ରାୟ ୨୦ରୁ ୨୫ଦିନ ଲାଗି ଚିକିତ୍ସା କରାଯାଇଥାଏ। ଦ୍ୱିତୀୟ ପର୍ଯ୍ୟାୟରେ ଭଙ୍ଗା ଅଙ୍ଗପ୍ରତ୍ୟଙ୍ଗ ଚଳପ୍ରଚଳ ପାଇଁ ଗରମ ସେକ ଦିଆଯାଇଥାଏ। ଏହା ଦ୍ୱାରା ନୂଆକରି ଯୋଡ଼ି ହେଉଥିବା ହାଡ଼ ଦୃଢ଼ ହୋଇଥାଏ। ସେକ ଦିଆଯିବାର ମଧ୍ୟ ସ୍ୱତନ୍ତ୍ର ପଦ୍ଧତି ରହିଛି। ପୂର୍ବରୁ ପ୍ରସ୍ତୁତ ହୋଇଥିବା ଆୟୁର୍ବେଦିକ ତେଲକୁ ରୋଗୀଙ୍କ ଆଘାତ ସ୍ଥାନରେ କିଛି ସମୟଧରି ମାଲିସ କରାଯାଇଥାଏ। ପରେ ଗୋଟିଏ କନାକୁ ସାତ

→







**ଜଗନ୍ନାଥଙ୍କ ଫୁଲୁରିତେଲ ସେବା**–ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନ୍ୟତମ ସେବା ଭାବେ ଶ୍ରୀଅଙ୍ଗରେ ଲାଗିହୁଏ ଫୁଲୁରିତେଲ। ଏହା ଶ୍ରୀମନ୍ଦିର ଭାଷାରେ ଫୁଲୁରିଲାଗି ଭାବେ ପ୍ରସିଦ୍ଧ। ଏହାକୁ ମଧ୍ୟ ଶ୍ରୀତୈଳ କୁହାଯାଏ। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଓଡ଼ିଆମଠ ପକ୍ଷରୁ ବିଧି ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଏହି ଶ୍ରୀତୈଳ ଅଣସରର ସପ୍ତମଦିନରେ ଲାଗି କରାଯାଏ। ଶ୍ରୀବିଗ୍ରହରେ ଏହି ତୈଳ ଘଷାଯିବା ପରେ କ୍ଷୀର ଅରୁଆଚାଉଳ ରନ୍ଧାଯାଇ ପଟ୍ଟସୂତ୍ରରେ ମର୍ଦ୍ଦନ କରାଯାଇ ବନ୍ଧାଯାଏ। ଏହି ପଟ୍ଟସୂତ୍ର ଶ୍ରୀଅଙ୍ଗଲାଗି ହୋଇଥିବାରୁ ଏହାକୁ ଶ୍ରୀକାପଡ଼ା କୁହାଯାଏ। ଏହି ଶ୍ରୀକାପଡ଼ା ବନ୍ଧା ଯିବା ପରେ ସର୍ବାଙ୍ଗରେ ଔଷଧର ଏକ ଲେପ ଦିଆଯାଏ। ରାଶିତେଲ ଓ ଝୁଣା ତଥା ଅନ୍ୟାନ୍ୟ ଦ୍ରବ୍ୟ ମିଶ୍ରଣରେ ଏହି ଔଷଧ ପ୍ରସ୍ତୁତ ହୋଇଥାଏ। ଅଣସରର ନବମ ଦିନରେ ଦିଆଯାଉଥିବା ଏହି ସର୍ବାଙ୍ଗ ଲେପକୁ ମସୃଣ ଲେପ ମଧ୍ୟ କୁହାଯାଏ। ଅଣସରର ଦଶମଦିନରେ ଚକାବିଜେ ନୀତି ଅନୁଷ୍ଠିତ ହୁଏ।





ସାତ ପରସ୍ତକରି ଚଉତା ଯାଇଥାଏ। ସେଥିରେ ଚେରମୂଳି ଓ ପଞ୍ଚରସରେ ପ୍ରସ୍ତୁତ ତୈଳକୁ ଢଳାଯାଇ ଥାଏ। ବୈଦ୍ୟ ହାତରେ ତେଲ ସରସର କନାକୁ ଧରି ରୋଗୀଙ୍କ ଆଘାତ ଅଙ୍ଗ ଉପରେ ରଖି ଏହା ଉପରେ ନିଆଁ ଆଞ୍ଚରେ ଗରମ ହୋଇଥିବା ଲୁହାଛଡ଼କୁ ଚୁଆଁଇ ଥାନ୍ତି। ଚେରମୂଳି ମିଶାଯାଇ ପ୍ରସ୍ତୁତ ହୋଇଥିବା ତୈଳ ରୋଗୀର ଶରୀରରେ ଭେଦକରିବା ସହିତ ହାଡ଼ ଉଷ୍ମତା ପାଇ ଚେରମୂଳିର ଔଷଧୀୟ ତତ୍ତ୍ୱ ସଂସ୍ପର୍ଶରେ ଆସି କାର୍ଯ୍ୟକ୍ଷମ ହୋଇଥାଏ। ଏହା ଦ୍ୱାରା ମାଂସପେଶୀ ଓ ସ୍ନାୟୁରେ କୁପ୍ରଭାବ ପଡ଼େ ନାହିଁ ବରଂ ରୋଗୀକୁ ଉପଶମ ମିଳିଥାଏ। କାଳୁପଡ଼ା-ଅଁଳାଡ଼ିହ ସେକ ଚିକିତ୍ସାର ଖୁବ୍ ଲୋକପ୍ରିୟତା ରହିଛି। ଏଠାକୁ ପ୍ରତିଦିନ ରାଜ୍ୟ ଓ ବାହାର ରାଜ୍ୟରୁ ବହୁ ହାଡ଼ଭଙ୍ଗା ରୋଗୀ ଆସି ଚିକିତ୍ସିତ ହୋଇଥାନ୍ତି। ତେବେ କାଳୁପଡ଼ାଘାଟ ସେକ ଚିକିତ୍ସା ରାଜ୍ୟ ଓ ବାହାର ରାଜ୍ୟର ଏକାଧିକ ସ୍ଥାନରେ ଉପଲବ୍ଧ ହେଉଛି।

**କୁଲାଇଲୋ ହାଡ଼ଭଙ୍ଗା ଚିକିତ୍ସା-** କଟକ ଜିଲାର ଆଠଗଡ଼ ବ୍ଲକର କୁଲାଇଲୋ । ଏଠାକୁ ରାଜ୍ୟରୁ ତଥା ଅନ୍ୟରାଜ୍ୟରୁ ବିଭିନ୍ନ ସମୟରେ ହାଡ଼ଭଙ୍ଗା ରୋଗୀମାନେ ଆସି ଚିକିତ୍ସିତ ହୋଇଥାନ୍ତି। ଏଠାର ଚିକିତ୍ସା କେନ୍ଦ୍ରର ତତ୍ତ୍ୱାବଧାରକ କବିରାଜ ପ୍ରତାପରୁଦ୍ର ବେଉରାୟଙ୍କ ହାତର ସ୍ପର୍ଶରେ ରୋଗୀଙ୍କ ଯନ୍ତ୍ରଣା ଦୂର ହୋଇପାରେ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏଠାରେ ଏକ ଆୟୁର୍ବେଦିକ ତୈଳ ପ୍ରସ୍ତୁତ କରାଯାଇଥାଏ। ହାଡ଼ଭଙ୍ଗା ବ୍ୟତୀତ ଆଣ୍ଠୁଗଣ୍ଠିବାତର ଚିକିତ୍ସା ପାଇଁ ଅନନ୍ତ ନାରାୟଣ ତୈଳ ବ୍ୟବହାର କରାଯାଇଥାଏ। ଏହାକୁ ପ୍ରତାପରୁଦ୍ର ତାଙ୍କ ନିଜ ଘରେ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ଆବଶ୍ୟକ ଭାଗମାପରେ ପ୍ରସ୍ତୁତ କରିଥାନ୍ତି। ଏହି ତୈଳ ପ୍ରସ୍ତୁତିରେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଯଥା ହାଡ଼କଙ୍କାଳି, ଭୃଙ୍ଗରାଜ, ସୁନାରେଗେଡ଼ା, ସଅର ମାଧିଆ, କୋଚିଲା ମଲାଙ୍ଗ, ନାଲି ଟାକୁଆ ସହିତ ୨୫ଟି ଜଡ଼ିବୁଟିର ମିଶ୍ରଣରେ ତୈଳ ପ୍ରସ୍ତୁତ କରାଯାଇଥାଏ। ହାଡ଼କଙ୍କାଳି, ସୁନାରେଗେଡ଼ା ଓ ସଅର ମାଧିଆକୁ ଭଲଭାବେ ବଟାଯାଇ କିମ୍ବା ଗ୍ରାଇଣ୍ଡିଂକରି ଏକ ପ୍ରକାର ପ୍ରଲେପକୁ ହାଡ଼ଭଙ୍ଗା ସ୍ଥାନରେ ଲେପଦିଆଯାଇଥାଏ। ରୋଗୀର ଆଘାତ ସ୍ଥାନରେ ୭ରୁ ୧୦ ଦିନ ଅନ୍ତରରେ ଲଗାଯାଇଥାଏ। ଏହାଦ୍ୱାରା ରୋଗୀଙ୍କୁ ପ୍ରାୟ ୧ମାସରୁ ୨ମାସ ମଧ୍ୟରେ ଉପଶମ ମିଳିଥାଏ। ରାଜବୈଦ୍ୟ ପ୍ରତାପରୁଦ୍ର କୁହନ୍ତି,'୧୮୭୩ ମସିହାରେ ସତ୍ୟବାଦୀ ମଙ୍ଗରାଜ ଖୋର୍ଦ୍ଧାଗଡ଼ ରାଜାଙ୍କ ରାଜବୈଦ୍ୟ ଥିଲେ। ସେତେବେଳେ ଆଠଗଡ଼ ରାଜାଙ୍କ ହାଡ଼ ଭାଙ୍ଗିଯିବାରୁ ରାଜାଙ୍କ ଚିକିତ୍ସା ନିମନ୍ତେ ସେ ଆଠଗଡ଼ ଆସିଥିଲେ। ସମୟକ୍ରମେ ଏଠାରେ ତାଙ୍କ ପୁଅ ଗୋବିନ୍ଦ ବେଉରାୟ ରାଜବୈଦ୍ୟ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରେ ତାଙ୍କ ପୁଅ ଅନନ୍ତ ଚରଣ ବେଉରାୟ ମଧ୍ୟ ରାଜବୈଦ୍ୟ ଭାବେ କାର୍ଯ୍ୟ କରିଥିଲେ। ତେବେ ମୁଁ ମୋର ପିତା ଅନନ୍ତଚରଣଙ୍କଠାରୁ ଚିକିତ୍ସା ସେବାକୁ ଆପଣେଇଥିଲି । ତାଙ୍କ ମୃତ୍ୟୁ ପରେ ପୁତ୍ର ଭାବେ ମୁଁ ଚାକିରିରୁ ଅବସରପରେ ପ୍ରାୟ ୨୦୦୦ମସିହାରେ ପ୍ରାୟ ୧୦୦ ଶଯ୍ୟାବିଶିଷ୍ଟ ରୋଗୀ ଆଶ୍ରୟ ସ୍ଥଳୀ ଏବଂ ଭଗବାନ ଧନ୍ୱନ୍ତରୀ ଓ ମହାବୀର ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା କରି ଆଧ୍ୟାତ୍ମିକ ପରିବେଶରେ ସମୟ ବିତାଇବା ସହିତ ବିଭିନ୍ନ ଆଡ଼ୁ ଆସୁଥିବା ଅନେକ ହାଡ଼ଭଙ୍ଗା ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଭୋଗୁଥିବା ରୋଗୀଙ୍କୁ ସ୍ୱତନ୍ତ୍ର ଜଡ଼ିବୁଟିରେ ପ୍ରସ୍ତୁତ ତୈଳ ଦ୍ୱାରା ଦେଶୀ ଚିକିତ୍ସା ପଦ୍ଧତିରେ ସେବା କଲୁ। ୧୯୮୨ମସିହାରେ ଏକ ଚାଳଘର ମଧ୍ୟରେ ମାଗଣାରେ ସେବା ଯୋଗାଇ ଆସୁଛୁ। ଏହା ପ୍ରାୟ ୮୪ବର୍ଷ ହେଲାଣି ।' ଏବେ ପ୍ରତାପରୁଦ୍ର ବେଉରାୟଙ୍କ ପୁଅ ଗିରିଶ ଚନ୍ଦ୍ର ବେଉରାୟ ଏହି ଚିକିତ୍ସା ସେବାରେ ନିୟୋଜିତ ଅଛନ୍ତି। ଏଠାକୁ ଆସିବାକୁ ହେଲେ କଟକ ବସ୍‌ଷ୍ଟାଣ୍ଡରୁ ଆସି ମଙ୍ଗୁଳି ଛକଠାରୁ ଢେଙ୍କାନାଳ ରାସ୍ତା ଜାତୀୟ ରାଜପଥ ୫୫ରେ ଯାଇ ଖୁଣ୍ଟୁଣୀ ଗୋଲେଇ ଛକଠାରୁ ମାତ୍ର ୫କିମି ଆସିଲେ ପଡ଼ିବ କୁଲାଇଲୋ । ଏଠାରେ ରହିଛି ଅନନ୍ତ ବେଉରା ଆୟୁର୍ବେଦିକ ଅସ୍ଥି ଚିକିତ୍ସା ସେବା ସଦନ।



**ତୈଳର ଔଷଧୀୟ ଗୁଣ** -ଆୟୁର୍ବେଦିକ ପଦ୍ଧତିରେ ବିଭିନ୍ନ ତେଲର ଔଷଧୀୟ ଗୁଣରହିଛି। **ଡାକ୍ତର ବାସୁଦେବ ପ୍ରଧାନ** କୁହନ୍ତି, ତେଲ ଆମ ଶରୀରକୁ ସ୍ନେହସାର, ତାପ ଓ ଶକ୍ତି ପ୍ରଦାନ କରିଥାଏ। ଦୁଇଟି ଉପାୟରେ ତେଲ ମିଳିଥାଏ। ପ୍ରାଣୀଙ୍କ ମାଂସ, ଘିଅ ଓ ଲହୁଣିରୁ ତୈଳ ମିଳିଥାଏ। ସେହିପରି ଉଦ୍ଭିଦର ଫୁଲ,ଫଳ,ବଲ୍କଳ ଓ ମଞ୍ଜିରୁ ମିଳିଥାଏ। ରାଶି, ପେଶି, ନଡ଼ିଆ, ବାଦାମ, ଶୋରିଷ, ସୂର୍ଯ୍ୟମୁଖୀ, ପାମୋଲିନ ସମେତ ଆହୁରି କେତେକ ଉଦ୍ଭିଦରୁ ମିଳିଥାଏ। ମରାନଡ଼ିଆ ତେଲକୁ ପୋଡ଼ାଘା'ରେ ଲଗାଇଲେ ଶୀଘ୍ର ଉପଶମ ମିଳିଥାଏ। ନଡ଼ିଆ ତେଲରେ ଅଁଳାଚୂର୍ଣ୍ଣ ମିଶ୍ରଣକରି ଚୁଟିରେ ଲଗାଇଲେ ଚୁଟି ଝଡ଼ିବା କମି ଯାଇଥାଏ। ଶୋରିଷ ତେଲକୁ ଦେହରେ ମାଲିସ କଲେ ଶରୀରପୀଡ଼ା ଓ ଥଣ୍ଡାରୁ ଉପଶମ ମିଳେ। ବାଦାମ ତେଲରେ ପ୍ରଚୁର ପରିମାଣର କ୍ୟାଲସିୟମ ରହିଛି। ଏହାର ବ୍ୟବହାର ଦ୍ୱାରା ଦାନ୍ତ ଓ ଅସ୍ଥିକୁ ପୋଷଣ ମିଳିଥାଏ। ପୁଷ୍ଟିହୀନତା ଦୂର କରେ। ଗୋଡ଼ ହାତର ମାଂସପେଶୀକୁ ଉତ୍ତମ ଭାବେ ଗଠନ କରିବାରେ ସହାୟକ ହୋଇଥାଏ। ଏଥିରୁ ଭିଟାମିନ୍ -ବି ମିଳିଥାଏ। ଶରୀରର ଦୁର୍ବଳତା ଦୂରକରେ। ଚର୍ମକୁ ଚିକ୍କଣ ରଖେ। ଥଣ୍ଡା ଓ ମୁଣ୍ଡବ୍ୟଥାରୁ ଉପଶମ ପାଇଁ ଆୟୁର୍ବେଦରେ ତୈଳ ବ୍ୟବହାର କରାଯାଇଥାଏ। ଏହାବ୍ୟତିତ ତେଲର ଆହୁରି ବିଭିନ୍ନ ପ୍ରକାର ଔଷଧୀୟ ଗୁଣ ରହିଛି। ନିୟମିତ ଶରୀରରେ ତେଲ ମାଲିସ ଦ୍ୱାରା ସୁନିଦ୍ରା ସହିତ କ୍ଳାନ୍ତି ଦୂର ହୁଏ। ତେବେ ତୈଳକୁ ଔଷଧୀୟ ରୂପେ ବ୍ୟବହାର କରିବା ପୂର୍ବରୁ ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ।

**ରେକୁଲାରେ ହୁଏ ହାଡ଼ଭଙ୍ଗା ଚିକିତ୍ସା-:** ଢେଙ୍କାନାଳ ଜିଲାର କାମାକ୍ଷାନଗରଠାରୁ ଢେଙ୍କାନାଳ ରାସ୍ତାରେ ପ୍ରାୟ ୨ କିମି ଗଲେ ପଡ଼ିବ ରେକୁଲା ଗ୍ରାମ। ଭଙ୍ଗାହାଡକୁ ଯୋଡିବାରେ ଏହି ଗ୍ରାମର ପ୍ରସିଦ୍ଧି ରହିଛି। ପ୍ରାୟ ୪ ପିଢିଧରି ରେକୁଲା ଗ୍ରାମର ପାତ୍ର ପରିବାର ଏହି ସେବା ଯୋଗାଇ ଆସୁଛନ୍ତି। ଆଖପାଖ ଗାଁର ଲୋକ କୁହନ୍ତି, 'ପ୍ରଥମେ ଏହି ସେବା ହାଡିବନ୍ଧୁ ପାତ୍ର ଆରମ୍ଭ କରିଥିଲେ। ୧୯୩୮ ସମିହା ବେଳକୁ ଗୋଟିଏ ଗୋରୁର ହାଡ ଭାଙ୍ଗିଯାଇଥିଲା। ଆଘାତ ସ୍ଥାନରେ ଚେର ମୂଳରେ ପ୍ରସ୍ତୁତ ହୋଇଥିବା ଔଷଧକୁ କପଡା ଭିଡି ବନ୍ଧାଯାଇଥିଲା। ଏଥିରେ ସଫଳତା ମିଳିଥିଲା। ଯାହା ପରବର୍ତ୍ତୀ ସମୟରେ ମାନବ ସେବାରେ ଲାଗିଲା। ଏହି ପରୀକ୍ଷାରେ ହାଡିବନ୍ଧୁ ସଫଳ ହୋଇ ଆଖ ପାଖ ଗ୍ରାମକୁ ଯାଇ ସେବା ଯୋଗାଇଲେ। ୧୯୪୫ ସମିହାରେ ତାଙ୍କ ପୁତ୍ର ପ୍ରଭାକର ନିଜ ଗ୍ରାମରେ ଏହି ଚିକିତ୍ସା ଆରମ୍ଭକରି ସଫଳ ବୈଦ୍ୟଭାବେ ନାଁ କରିଥିଲେ। ୧୯୮୦ ମସିହାରୁ ପ୍ରଭାକରଙ୍କ ପୁତ୍ର ରବିନାରାୟଣ ଏହି କାର୍ଯ୍ୟ କରୁଥିଲେ। ମାତ୍ର ରବିନାରାୟଣଙ୍କ ମୃତ୍ୟୁ ପରେ ତାଙ୍କର ପୁତ୍ର ସର୍ବେଶ୍ୱର ୧୯୯୫ ମସିହାଠାରୁ ଏହି କାର୍ଯ୍ୟ କରି ଆସୁଛନ୍ତି। ପୂର୍ବ ପିଢିମାନେ ମା' ମଙ୍ଗଳାଙ୍କ ଆଶ୍ରିତ ହୋଇ ହାଡଯୋଡା କାର୍ଯ୍ୟ ଜାରିରଖିଛନ୍ତି। ଏଠାକୁ ଚିକିତ୍ସା ପାଇଁ ବିଭିନ୍ନ ଅଞ୍ଚଳରୁ ରୋଗୀମାନେ ଆସିଥାନ୍ତି। ବିଶେଷକରି ଅର୍ଜୁନଛାଲି, ହରିଶଙ୍କର ମୂଳ, ହାଡ଼ କଙ୍କାଳି, ମୁଥା ମୂଳ, କୁରେଇଁ ଆଦି ଗଛର ମୂଳ, ସିନ୍ଦୂର, ଅଣ୍ଡା ଆଦି ମିଶ୍ରିତ ଔଷଧକୁ କପଡା ଓ ବାଉଁଶ ପାତିଆ ଦ୍ୱାରା ବାନ୍ଧି ଚିକିତ୍ସା କରିଥାନ୍ତି। ଏଥିସହ ପୀଡା ଉପଶମ ପାଇଁ ଅରଖ, ବେଗୁନିଆ,ପଗୁଆରି, କଣ୍ଟିକପାଳି, ଜଜାଙ୍ଗି ଗଛର ପତ୍ରକୁ ମାଠିଆରେ ପାଣିଦେଇ ତାକୁ ନିଆଁରେ ବସାଇ ସେହି ବାଷ୍ପକୁ କ୍ଷତରେ ସେକ ଦେଲେ ତୁରନ୍ତ ପୀଡା ଉପଶମ ହୋଇଥାଏ। ଝୁଣା, କଣ୍ଟିକପାଳି, ସୋରିଷତେଲ, ରାଶିତେଲ, ପୁଦିନା, କର୍ପୂର, ମରୀଚ ଆଦି ମିଶ୍ରଣରେ ତିଆରି ଅର୍କକୁ ମାଲିସ କଲେ ଦରଜ କମିଯାଇଥାଏ ବୋଲି କୁହନ୍ତି ସର୍ବେଶ୍ୱର ପାତ୍ର ।

ବିଜ୍ଞାନର ଅଗ୍ରଗତି ହୋଇଥିଲେ ମଧ୍ୟ ଲୋକମାନେ ଏହି ପାରମ୍ପରିକ ପଦ୍ଧତିକୁ ଆପଣାଇ ସ୍ୱଳ୍ପ ମୂଲ୍ୟରେ ଚିକିତ୍ସିତ ହୋଇ ସୁସ୍ଥ ହୋଇପାରୁଛନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନଠାରୁ ଓଡ଼ିଶାର ଏହି ସ୍ୱକୀୟ ଚିକିତ୍ସା ପଦ୍ଧତି କୌଣସି ଗୁଣରେ କମ୍ ନୁହେଁ।


**-ବନବିହାରୀ ବେହେରା, ସୁଧୀର କୁମାର ପରିଡ଼ା, ସଚ୍ଚିଦାନନ୍ଦ ପଣ୍ଡା**






# ଅଜବ ୱିଣ୍ଟର କ୍ୟାପ୍

**ଶୀତଦିନେ ଷ୍ଟାଇଲିଶ୍ ଲୁକ୍ ସାଙ୍ଗକୁ ଶୀତରୁ ରକ୍ଷା ପାଇବା ପାଇଁ କେବଳ ଜ୍ୟାକେଟ୍ କି ସ୍ୱେଟର୍ ପିନ୍ଧିଦେଲେ ତ ହେବନି, ମୁଣ୍ଡକୁ ସୁରକ୍ଷା ଦେବା ପାଇଁ ୱିଣ୍ଟର୍ କ୍ୟାପ୍‌ର ବି ଆବଶ୍ୟକତା ପଡିବ। ବେନି କ୍ୟାପ୍, କଲର୍-ବ୍ଲକ୍ ଫେଡୋରା କ୍ୟାପ୍, ପମ୍ ପମ୍ କ୍ୟାପ୍, ଲେଦର୍ ଷ୍ଟାଇଲ୍ ଫାବ୍ରିକ୍ କ୍ୟାପ୍ ଭଳି ଟ୍ରେଣ୍ଡି ୱିଣ୍ଟର୍ କ୍ୟାପ୍‌ର ଚାହିଦା ତ ସବୁବେଳେ ରହିଥାଏ। କିନ୍ତୁ ଏମିତି ବି କିଛି ଅଜବ ଡିଜାଇନ୍‌ର ୱିଣ୍ଟର କ୍ୟାପ୍ ରହିଛି; ଯାହାକୁ ପିନ୍ଧିଲେ ଶୀତରୁ ରକ୍ଷା ମିଳିବା ସହ ଡିଫରେଣ୍ଟ ଲୁକ୍ ମଧ୍ୟ ମିଳିବ...**










* **ବ୍ରେନ୍ କ୍ୟାପ୍:** ମଣିଷଙ୍କ ମସ୍ତିଷ୍କ ବା ବ୍ରେନ୍ ଯେମିତି ଦେଖାଯାଏ, ଅବିକଳ ତାହାକୁ ହିଁ ନକଲ କରି ଉଲ୍‌ରେ ଏହି ବ୍ରେନ୍ ଶେପ୍ ୱିଣ୍ଟର କ୍ୟାପ୍‌ର ଡିଜାଇନ୍ କରାଯାଇଛି। ଏହା ଦେଖିବାକୁ ଅଜବ ଲାଗୁଥିଲେ ବି ଟିକେ ଡିଫରେଣ୍ଟ ଲୁକ୍ ପାଇବାକୁ ଅନେକେ ଏହାକୁ ପସନ୍ଦ କରୁଥିବାର ମଧ୍ୟ ନଜିର ରହିଛି।
* **ହେଲ୍‌ମେଟ୍ କ୍ୟାପ୍:** ମୋଟରସାଇକେଲ ଚଲାଇଲାବେଳେ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଲୋକେ ମୁଣ୍ଡରେ ହେଲ୍‌ମେଟ୍ ଲଗାଇଥାନ୍ତି। କିନ୍ତୁ ଏଠାରେ ଯେଉଁ ୱିଣ୍ଟର କ୍ୟାପ୍ କଥା କୁହାଯାଉଥାଏ, ତାହାକୁ ସେହି ହେଲ୍‌ମେଟ୍ ଡିଜାଇନ୍‌କୁ ନକଲ କରି ଉଲ୍‌ରେ ତିଆରି କରାଯାଇଛି ସତ କିନ୍ତୁ ଏହାକୁ ପିନ୍ଧିଲେ ସଡ଼କ ଦୁର୍ଘଟଣାରୁ ନୁହେଁ ବରଂ ଶୀତରୁ କେତେକାଂଶରେ ରକ୍ଷା ପାଇହେବ, ଏଥିରେ ସନ୍ଦେହ ନାହିଁ।
* **ଖ୍ରୀଷ୍ଟମାସ ଟ୍ରି କ୍ୟାପ୍:** ଖ୍ରୀଷ୍ଟମାସ ସମୟରେ ଖ୍ରୀଷ୍ଟମାସ ଟ୍ରିର ଆକର୍ଷଣ ସବୁଆଡ଼େ ଦେଖିବାକୁ ମିଳେ। ଘରେ, ବାହାରେ ବଡ଼ ବଡ଼ ଶପିଂ ମଲ୍‌ରେ ଖ୍ରୀଷ୍ଟମାସ ଟ୍ରିକୁ ଆକର୍ଷଣୀୟ ଭାବେ ସଜାଇ ସମସ୍ତେ ଏହି ପର୍ବକୁ ବେଶ୍ ଉତ୍ସାହର ସହ ପାଳନ କରିଥାନ୍ତି। ବାସ୍ ତାକୁ ନଜରରେ ରଖି ଖ୍ରୀଷ୍ଟମାସ ଟ୍ରି ଶେପ୍‌ର ୱିଣ୍ଟର କ୍ୟାପ୍ ବି ମାର୍କେଟ୍‌କୁ ଆସେ ; ଯାହାକି ମୁଣ୍ଡକୁ ଶୀତ ଦାଉରୁ ରକ୍ଷା କରିବା ସହ ଟ୍ରେଣ୍ଡି ଲୁକ୍ ଦେଇଥାଏ।
* **ପୋନିଟେଲ୍ କ୍ୟାପ୍:** ଶୀତଦିନେ ପୋନିଟେଲ୍ କରିବାକୁ ପସନ୍ଦ କରୁଥିବା ଯୁବତୀଙ୍କ ପାଇଁ ଏହି ୱିଣ୍ଟର କ୍ୟାପ୍‌ଟି ଏକ ବେଷ୍ଟ ଅପ୍ସନ ହୋଇପାରିବ। କାରଣ ଏହି କ୍ୟାପ୍‌ର ଉପରି ଭାଗରେ ପୋନିଟେଲ୍‌କୁ ବାହାରକୁ ଶୋ-ଅପ୍ କରିବା ପାଇଁ ସ୍ୱତନ୍ତ୍ର ହୋଲ୍ ଥାଏ ; ଯାହା ମଧ୍ୟ ଦେଇ ଯୁବତୀ ତାଙ୍କର ବାନ୍ଧିଥିବା କେଶକୁ ଆରାମରେ ବାହାରକୁ ବାହାର କରି ଷ୍ଟାଇଲ୍ କରିବା ସହ ଶୀତରୁ ବି ରକ୍ଷା ପାଇପାରିବେ।
* **ପିକକ୍ କ୍ୟାପ୍:** ମୟୂର ବା ପିକକ୍ ତା' ପୁଚ୍ଛ ମେଲାଇଲେ ଯେମିତି ଦେଖାଯାଏ, ଠିକ୍ ସେହି ଶେପ୍‌କୁ ନକଲ କରି ବିଭିନ୍ନ ରଙ୍ଗର ଉଲ୍‌ରେ ଏହି ୱିଣ୍ଟର କ୍ୟାପ୍‌ଟିକୁ ତିଆରି କରାଯାଇଛି। ତା'ସହିତ ଏହି କ୍ୟାପ୍‌କୁ ସଂଲଗ୍ନ କରି ଉଲ୍‌ର ଏକ ଫେଶ୍ ମାସ୍କ ବି ରହିଛି। ଯଦ୍ଦ୍ୱାରା ଏହି ୱିଣ୍ଟର କ୍ୟାପ୍‌କୁ ଶୀତରେ ପିନ୍ଧିଲେ, ଉଭୟ ମୁହଁ ଓ ମୁଣ୍ଡକୁ ଶୀତ ଦାଉରୁ ରକ୍ଷା ମିଳିବା ସହ ଡିଫରେଣ୍ଟ ଲୁକ୍ ପାଇହେବ।
* **ସ୍କିଂ କ୍ୟାପ୍:** ଶୀତଦିନେ ସ୍କିଂ କରିବାକୁ ଅନେକେ ପସନ୍ଦ କରିଥାନ୍ତି। ଏଥିପାଇଁ ସ୍ୱତନ୍ତ୍ର ପୋଷାକ ତ ରହିଛି କିନ୍ତୁ ଏଠାରେ ଯେଉଁ କ୍ୟାପ୍ କଥା କୁହାଯାଉଛି ; ତାହାକୁ ବି ପିନ୍ଧି ସ୍କିଂ କଲେ ମୁହଁକୁ ବେଶି ଥଣ୍ଡା ପବନ ବାଜିବ ନାହିଁ। କାରଣ ଏହା ମୁଣ୍ଡ ସହିତ ପୂରା ମୁହଁକୁ ଭଲ ଭାବେ କଭର୍ କରି ରଖିବ। ଖାଲି ଯାହା ଆଖି ପାଖଟି ଖୋଲାଥିବ ; ଯେଉଁଠି ଚଷମା ଲଗାଇ ଆରାମରେ ସ୍କିଂ କରିହେବ। ଏହାକୁ କେହି କେହି ସ୍କିଂ ମାସ୍କ ବି କହିଥାନ୍ତି।
* **ୱାର୍ମ କ୍ୟାପ୍ ଓ ସ୍କାର୍ଫ:** ଏହି ଷ୍ଟାଇଲ୍‌ର ୱିଣ୍ଟର କ୍ୟାପ୍‌ରେ ଦୁଇଟି ଫାଇଦା ମିଳିଥାଏ। ପ୍ରଥମତଃ ମୁଣ୍ଡରେ କ୍ୟାପ୍ ଲଗାଇ ମୁଣ୍ଡକୁ ଶୀତରୁ ରକ୍ଷା କରିହୁଏ। ତା'ସହିତ ଏଥିରେ ଲାଗିଥିବା ସ୍ୱତନ୍ତ୍ର ସ୍କାର୍ଫ, ଯାହାକୁ ବେକରେ ଗଳାଇ ଆବଶ୍ୟକ ହେଲେ ପାଟି ଓ ନାକ ଉପରକୁ ଏହାକୁ ଟେକି ପୁରା ଶୀତଦାଉରୁ ନିଜ ରକ୍ଷା କରିହୁଏ।








# ଶିଖର ଛୁଇଁବାର ନିଶା

ବାରଲାଖଲା ଗିରିଶୃଙ୍ଗ। ଯେଉଁଠାରେ ତାପମାତ୍ରା ପ୍ରାୟ -୩୦°ରୁ -୩୫° ହେବ । ବିଶ୍ରାମ ନେବାପାଇଁ କୌଣସି ଆଶ୍ରୟ ସ୍ଥଳ ପାଇଲୁନାହିଁ। ପାଖରେ ଥିବା ଏକ ଆଜବେଷ୍ଟସ ଘର ଭିତରକୁ ବହୁକଷ୍ଟରେ ଯାଇ ଗୋଟେ ରାତି ବିନା ଖାଦ୍ୟ ପାନୀୟରେ କେବଳ ଚକୋଲେଟ ଟିଏ ପାଟିରେ ଜାକି ଗୁରୁଙ୍କ ସହିତ ରହିଥିଲି। ସେତେବେଳେ ତାପମାତ୍ରା ଏତେ କମ୍ ଥିଲା ଯେ ହାତଗୋଡ଼ ସବୁ ଅଚଳ ହୋଇପଡ଼ିଥିଲା।





**ପ**ର୍ବତ ଶିଖରକୁ ଚଢ଼ିବାର ଦୁର୍ବାର ନିଶା ସବୁବେଳେ ଜଣେ ପର୍ବତାରୋହୀ ମନରେ ରହିଥାଏ। ଆଗକୁ ଅଗ୍ରସର ହେବାର ଉତ୍ସୁକତାରେ ବହୁ ବାଧାବିଘ୍ନକୁ ଆଡ଼େଇ ପର୍ବତାରୋହୀ ଆଗେଇ ଚାଲନ୍ତି ନିଜ ଗନ୍ତବ୍ୟ ପଥରେ। ଯେଉଁ ଦୁଃସାହସିକ ଅଭିଯାନର ପାଦେପାଦେ ରହିଥାଏ ବିପଦ। କିନ୍ତୁ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସେମାନେ କରିଥାନ୍ତି ନାହିଁ ନ ଥିବା ସାଧନା। ଏସବୁ ପଛରେ ଯାହା ସବୁଠୁ ବେଶି ରହିଥାଏ ତାହା ହେଲା ଦେଶପାଇଁ ଗୌରବ ଅର୍ଜନ କରିବାର ଝୁଙ୍କ୍।


ସାଧାରଣତଃ ପର୍ବତାରୋହୀମାନେ ପାହାଡ଼ର ଯେତେ ଯେତେ ଶିଖରକୁ ଚଢ଼ନ୍ତି ସେତେ ସେତେ ନିଃଶ୍ୱାସ ଛାଡ଼ିବା ଓ ପ୍ରଶ୍ୱାସନେବା କଷ୍ଟସାଧ୍ୟ ହୋଇପଡ଼େ। ଏଥିପାଇଁ ପୂର୍ବରୁ ତାଲିମ ନେବାକୁ ହୁଏ। କେତେକ ସରଞ୍ଜାମକୁ ବ୍ୟବହାରକରି ଏମାନେ ମାଡ଼ିଚାଲନ୍ତି ଆଗକୁ ଆଗକୁ। କିନ୍ତୁ ଦୃଢ଼ମନୋବଳ ଓ ଅଦମ୍ୟ ସାହସ ହିଁ ତାଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାରେ ସହାୟକ ହୋଇଥାଏ। ସେମିତି ଜଣେ ପର୍ବତାରୋହୀ ହେଲେ **ଗଣେଶଚନ୍ଦ୍ର ଜେନା**। ସାଧାରଣ ମଣିଷ ସେ, ମାତ୍ର ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ। ଦୃଢ଼ମନୋବଳ, ସାହସ ଓ ନିଷ୍ଠାର ସହିତ ସାଧନାକୁ ଜାରି ରଖିଥିବାରୁ ସେ ବିଶ୍ୱର ସର୍ବୋଚ୍ଚ ଶୃଙ୍ଗରେ ପାଦ ଥାପିପାରିଛନ୍ତି। ପ୍ରଥମ ଓଡ଼ିଆ ଟ୍ରାଭର୍ସ କ୍ଲାଇମ୍ବି କ୍ଷେତ୍ରରେ ମସ୍କୋର ମାଉଣ୍ଟ ଏଲବ୍ରସ ଅତିକ୍ରମ କରିଥିବା ପର୍ବତାରୋହୀ ଗଣେଶଚନ୍ଦ୍ର ଜେନାଙ୍କ ଘର ଗଜପତି ଜିଲାର ପାରଳାଖେମୁଣ୍ଡି ଅନ୍ତର୍ଗତ ବ୍ରାହ୍ମଣ ସୀତାପୁର ଗାଁରେ। ସେ କୁହନ୍ତି, ମୋର ଜନ୍ମ ୫।୫।୧୯୭୨ରେ। ପିତା କଣ୍ଟାରୁ ଜେନା, ମାତା ସୀତା ଦେଇ । ଗଣେଶ କୁହନ୍ତି, 'ପିଲାବେଳେ ଆମ ଗାଁ ନିକଟରେ ଥିବା ପାହାଡ଼ରେ ସାଙ୍ଗମାନଙ୍କ ସହିତ ଯେତେବେଳେ ଚଢୁଥିଲି ମୁଁ ଭାବୁଥିଲି ହିମାଳୟ ପର୍ବତରେ ଥରେ ଚଢିପାରନ୍ତି କି। ସମୟକ୍ରମେ କଲେଜପଢ଼ା ବୟସରେ ଉଚ୍ଚପର୍ବତ ଆରୋହଣ କରିବା ନିମନ୍ତେ ଦୁଃସାହସିକ କ୍ରୀଡ଼ା ପ୍ରତି ମନବଳାଇଥିଲି। ଗୁରୁ ରାକେଶ କୁମାର ପନୱାରଙ୍କ ପ୍ରଶିକ୍ଷଣରେ ଯୋଗ ଦେଲି। ପ୍ରଥମେ ପ୍ରଥମେ ଛୋଟଛୋଟ ପର୍ବତ ଆରୋହଣ କରିବା ଅଭ୍ୟାସ କଲି। ୨୦୧୧ରେ ବିମାନ ଯୋଗେ କାଠମାଣ୍ଡୁ ଯାଇଥିଲି। ସେଠାରେ ସର୍ବ ପ୍ରଥମେ ହନୁମାନଙ୍କୁ ଆରାଧନା କରି ଏହି ଅଭ୍ୟାସ ଜାରି ରଖିଥାଏ। ଧୀରେଧୀରେ ବିଭିନ୍ନ ସ୍ଥାନରେ ଗୋଟିଏ ପରେ ଗୋଟିଏ ପର୍ବତାରୋହଣ କରି ସଫଳତା ମିଳିବାରୁ ମନରେ ଉତ୍ସାହ ଜନ୍ମିଥିଲା। ପ୍ରାୟ ୨୧ଟି ପର୍ବତର ଶୃଙ୍ଗଦେଶକୁ ଛୁଇଁସାରିଲିଣି। ସେଥିମଧ୍ୟରେ ଦେଶରେ ରହିଥିବା ପ୍ରାୟ ୧୫ଟି ଉଚ୍ଚଶୃଙ୍ଗ ହୋଇଥିବା ବେଳେ ୬ଟି ପ୍ରାୟ ବିଦେଶରେ। ଅନ୍ୟପକ୍ଷେ ଶତାଧିକ ଦୁଃସାହସିକ କ୍ରୀଡ଼ା ଶିବିରରେ ଅଂଶଗ୍ରହଣ କରିସାରିଛି। ଏଭେରେଷ୍ଟ, ସେଟିଧାର, ମାମୋଷ୍ଟଙ୍ଗ କାଙ୍ଗ୍ରି ଶୃଙ୍ଗ, ମାଉଣ୍ଟ ଏଲବ୍ରଶ ଆଦି ଅନେକ ଗିରିଶୃଙ୍ଗରେ ପହଞ୍ଚି ସାରିଲିଣି। ଦୀର୍ଘ ୨୯ବର୍ଷର ପାହାଡ଼ଚଢ଼ା ଅଭିଜ୍ଞତାରେ ଅନେକ କିଛି ଅନୁଭୂତି ରହିଛି। ୧୯୯୯ କାର୍‌ଗିଲ୍ ଯୁଦ୍ଧ ସମୟରେ ବି ଏହି ଅଭିଯାନ ପାଇଁ ପ୍ରଶିକ୍ଷକ ରାକେଶ ପାନୱାରଙ୍କ ସହିତ ଉଚ୍ଚପାହାଡ଼ିଆ ରାସ୍ତାରେ ଯିବା ବେଳେ ଆହତ ହୋଇପଡ଼ିଥିଲି। ହିମାଚଳ ପ୍ରଦେଶର ଓ ଜମ୍ମୁ-କଶ୍ମୀର ସୀମାନ୍ତ ଅଞ୍ଚଳରେ ବାରଲାଖଲା ଏକ ଗିରିଶୃଙ୍ଗ। ଯେଉଁଠାରେ ତାପମାତ୍ରା ପ୍ରାୟ -୩୦°ରୁ -୩୫° ହେବ । ସେଠାରେ ନିଃସହାୟ ହୋଇପଡ଼ିଥିଲି। ବିଶ୍ରାମ ନେବାପାଇଁ କୌଣସି ଆଶ୍ରୟ ସ୍ଥଳ ପାଇଲୁନାହିଁ। ପାଖରେ ଥିବା ଏକ ଆଜବେଷ୍ଟସ ଘର ଭିତରକୁ ବହୁକଷ୍ଟରେ ଯାଇ ଗୋଟେ ରାତି ବିନା ଖାଦ୍ୟ ପାନୀୟରେ କେବଳ ଚକୋଲେଟ ଟିଏ ପାଟିରେ ଜାକି ଗୁରୁଙ୍କ ସହିତ ରହିଥିଲି । ତେବେ ତାପମାତ୍ରା ଏତେ କମ୍ ଥିଲା ଯେ ହାତଗୋଡ଼ ସବୁ ଅଚଳ ହୋଇପଡ଼ିଥିଲା। ଏହି ସମୟରେ ଏକ ଯୁଦ୍ଧ ଯାନ ସେହି ରାସ୍ତା ଦେଇ ଅତିକ୍ରମ କରୁଥିଲା, ସେମାନେ ଆମ ପାଖରେ ଅଟକିଗଲେ । ଆମକୁ ପିଇବାକୁ ପାଣି ଦେଲେ ତା'ପରେ ଆମକୁ ତାଙ୍କ ଗାଡ଼ିରେ କ୍ୟାମ୍ପକୁ ନେଇ ଖାଦ୍ୟପେୟର ବ୍ୟବସ୍ଥା କରିଥିଲେ। ସେଠାରେ ସେତେବେଳେ ଓଡ଼ିଆ ସୈନିକ ଶ୍ରୀନିବାସ ରାଓ ଥିଲେ। ସେମାନଙ୍କ ପାଇଁ ଆମେ ସେଠାରୁ ଉଦ୍ଧାର ହୋଇ ବଞ୍ଚି ଯାଇଥିଲୁ। ମାତ୍ର ସେହି ସମୟର ଯୁଦ୍ଧରେ ଶ୍ରୀନିବାସ ରାଓ ଶହୀଦ ହେବାର ଖବର ଶୁଣି ଭାଙ୍ଗିପଡ଼ିଥିଲି। ଏକଥା କେବେ ଭୁଲିପାରିବି ନାହିଁ । ଏହି ଦୁଃସାହସିକ ପର୍ବତାରୋହଣ ପାଇଁ ଅନେକ ସଂସ୍ଥାରୁ ସମ୍ମାନିତ ଓ ପୁରସ୍କୃତ ହୋଇଛି। ଏବେ ମୋର ସାନ ଝିଅ ଆରଧ୍ୟା ଜେନା ମଧ୍ୟ ପାହାଡ଼ଚଢ଼ା ଅଭ୍ୟାସ ଜାରିରଖିଛି।

ଏହି ଦୁଃସାହସିକ ପର୍ବତାରୋହଣ କ୍ରୀଡ଼ା ପ୍ରତି ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ରହିଛି। ଅନେକ ପ୍ରତିଭା ଏହି କ୍ଷେତ୍ରରେ ଯୋଗ ଦେଇଛନ୍ତି। ବର୍ତ୍ତମାନ ଏଥିରେ ସୁଯୋଗ ରହିଛି।

-ବନବିହାରୀ







## ଶୀତର ୩ଟି ସ୍କେଚ

–ମିରିନା ମହାନ୍ତି

**ସକାଳ**
ଏଇ ଶୀତଛୁଆଁ ସକାଳ ଓଠରେ
ସୂର୍ଯ୍ୟ ଆଙ୍କିଛି ଲାଲିମାର ଛବି।
ଫିଟି ପଡ଼ିଛି ଭୋରର ଆକାଶ,
ଅନ୍ତରଙ୍ଗ ଅନୁରକ୍ତିର ପ୍ରତିଛବି
ଦୁଇବିନ୍ଦୁ ମୁକ୍ତା
ଝରୁଥାଏ ଟୁପ ଟୁପ
ଘାସଫୁଲ ଛାତିରେ।
ରେଶମୀ ଶୀତ, ଭାଙ୍ଗୁଥାଏ ଅଳସ ।

**ସଞ୍ଜ**
ଝରକା ସେପାଖେ
ଜହ୍ନ ଅପସରୁ ଥାଏ
ଭୀରୁ ପ୍ରେମିକଟି ପରି, କୁହୁଡ଼ିର
କୁହୁକରେ।
ସ୍ୱପ୍ନ ସବୁ ଥରଥର
ନୀରବ, ନିଥର
ପଉଷର ଆଶ୍ଳେଷରେ ବନ୍ଦୀହୋଇ
ନୀଳ ସ୍ମୃତି ପାଲଟନ୍ତି
ମଉଳା ସଞ୍ଜରେ।

**ରାତି**
ଦୂରେଇ ଯିବାଟା
ଯଦିଓ, ଆଣେ ନାହିଁ ଦୂରତ୍ୱ,
ଶୀତରାତିର ପବନ ଅସ୍ତବ୍ୟସ୍ତ
କରେ,
ପାଚିଲା ପତ୍ରର ଅହଂକାର
ଶୋଇଯାଏ ଅଝଟ କାକର ବିନ୍ଦୁରେ।
କାମନାର ରାଜହଂସୀ
ଲେଖୁଥାଏ ପ୍ରୀତିର ଚିଟାଉ,
ମୌନାବତୀ ଏଇ ରାତି
ଝରୁଥାଏ ଅଳ୍ପ ଅଳ୍ପ
ପୌଷ ପାପୁଲିରେ।

*–ଗାୟତ୍ରୀ ବିହାର, ଯାଜପୁରରୋଡ*
*ମୋ: ୯୮୬୧୪୩୩୩୯୩*

# ଗୋଟେ ହଜିଯାଇଥିବା ରାତିର କାହାଣୀ

–ଲକ୍ଷ୍ମୀପ୍ରିୟା ଓଝା

''ଯାହା ହେଉ ତା' ଜୀବନରୁ ହଜିଗଲା ରାତି ।'' ସବାରିରେ ବସିଲା ବେଳେ ତା' କାନରେ ବାଜିଥିଲା ଏଇ ବାକ୍ୟଟି । ହଜିଯାଇଥିବା ସେ ରାତିକୁ ମନେପକାଇବାକୁ ସାମାନ୍ୟତମ ଚେଷ୍ଟା ନ କଲେ ବି କେବେ କେବେ ପଶିଆସେ ଦଲକାଏ ପବନ ହୋଇ ତ ଆଉ କେବେ ବାତ୍ୟା ହୋଇ । ସେ କିନ୍ତୁ ବନ୍ୟାକୁ ରୋକିଦିଏ ଛାତି ଭିତରେ । ଆଖିଦେଇ ବୋହିଆସିବାକୁ ଦିଏନି । ପଦ୍ମପତ୍ରର ଢଳ ଢଳ ଜଳପରି ହୃଦୟରେ ଧରିଛି ସେ ନିର୍ଲିପ୍ତତା। କବରୀରେ ବାନ୍ଧିଛି ବ୍ୟାପ୍ତି । ଠିକ୍ ବିନ୍ଦି ମଝିରେ ଥାପି ଦେଇଛି ଶାନ୍ତି । ଆଲୋକର ଉତ୍ସକୁ ପ୍ରବେଶ କରିବାକୁ ଖୋଲିଦେଇଛି ସମସ୍ତ ଝରକା ।

ଯେବେ ଅନ୍ଧାର ହଟାଇ ସୂର୍ଯ୍ୟ ମୁହଁ ଦେଖାଇବାକୁ ଉଦ୍ୟତ ହେଉଥିଲେ ଠିକ୍ ସେଇ ସମୟରେ ଜନ୍ମ ବୋଲି ନାଁଟି ତା'ର ଉଷା ସତ କିନ୍ତୁ ଦେହରୁ ତା'ର ରାତିର ରଙ୍ଗ ଓହ୍ଲାଇ ନ ଥିଲା । କିନ୍ତୁ ରାତି ଆକାଶର ଚିକ୍‌ମିକ୍ ତାରାଙ୍କ ପରି ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ପରି କଳାରେ ଚିକ୍‌ମିକ୍ କରୁଥିଲା ସେ । ଯେବେ ସେ ଘୁଙ୍ଗୁର ପିନ୍ଧି ଷ୍ଟେଜ୍‌କୁ ଚଢୁଥିଲା ତା' ପାଦର ଛନ୍ଦକୁ ମନ୍ତ୍ରମୁଗ୍ଧ ହୋଇ ଦେଖୁଥିଲେ ଦର୍ଶକ । ଯେବେ ସେ ହାରମୋନିୟମ ସ୍ୱରରେ ନିଜ ସ୍ୱର ମିଳାଉଥିଲା ସ୍ତବ୍ଧ ହୋଇ ଶୁଣୁଥିଲେ ଶ୍ରୋତା । କେହି ଅତିଥି ଘରକୁ ଆସିଲେ ଅଭ୍ୟାଗତରେ ପ୍ରୀତ ହେବା ସହ ତା' ଚିତ୍ର ଦେଖି ତନ୍ମୟ ହେଉଥିଲେ । ସମସ୍ତଙ୍କୁ ତା' ପରି ଜୀବନସାଥୀଟିଏ ଦରକାର ଥିଲା କିନ୍ତୁ ସେ ନୁହେଁ । ହଳଦୀ ରଙ୍ଗର ପାଟ ପିନ୍ଧେଇବାକୁ କେହି ପ୍ରସ୍ତୁତ ନ ଥିଲେ ତାକୁ । ସାହି ପଡ଼ିଶାଙ୍କ ଟାହିଟାପରା, କିଛି ବୟସ୍କ ଲୋକଙ୍କ ଲୋଲୁପ ଦୃଷ୍ଟି, ଚାରି କାନ୍ଧରେ ଯିବା ପୂର୍ବରୁ ମା' ବାପାଙ୍କର ତାକୁ ଦି ହାତ କରିବାର ଚିନ୍ତାକୁ ଦେଖି ଦେଖି ପାହୁ ନ ଥିଲା ତା' ରାତି ।

ସ୍ତ୍ରୀ ପରିତ୍ୟକ୍ତ ଅଧେଡ ବୟସର ଲୋକଟିର ପ୍ରସ୍ତାବରେ ଶେଷରେ ରାଜି ହୋଇଥିଲେ ସମସ୍ତେ । ପୂର୍ବରୁ ଆସିଥିବା ମଦୁଆ, ଭାଡୁଆ, ଛତରା ପ୍ରକୃତିର ଲୋକଙ୍କଠାରୁ ଏ ପ୍ରସ୍ତାବଟି ଭଲ ଥିଲା । ସାରାଜୀବନ ଏକୁଟିଆ ରହିବାର ସାହସଟିଏ ନିଜ ଭିତରେ ଯୋଗାଡି ନ ପାରିଥିବା ଯୋଗୁ ହିଁ ସେ ରାଜି ହୋଇଥିଲା ଏ ପ୍ରସ୍ତାବରେ ତା' ଭାବୀ ସ୍ୱାମୀଙ୍କ ସମସ୍ତ ସର୍ତ୍ତ ମାନି । ତାଙ୍କର ସର୍ତ୍ତ ଥିଲା ବାହାଘର ପରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ସବୁ ଛାଡ଼ି ଶେଯରେ ପଡ଼ିଥିବା ତାଙ୍କ ମା'ଙ୍କ ଯତ୍ନ ନେବାକୁ । ପୁଅ ବାହାଘର ପାଇଁ ସମସ୍ତ ଯୋଗାଡଯନ୍ତ୍ର କରିବାକୁ । ଘରେ ରହିବାକୁ । ସେ ନାଟୁଆ ସ୍ୱଭାବ ଭଲ ଲାଗେନା ତାଙ୍କୁ ଜମା । ସେଦିନ ସମସ୍ତେ କହୁଥିଲେ ଡେରିରେ ହେଉ ପଛେ ଉଷାର ଜୀବନରେ ସକାଳ ଆସିଲା । କିନ୍ତୁ ସେ ଜାଣିଥିଲା ଗୋଟେ ହଜିଯାଇଥିବା ରାତିର କାହାଣୀକୁ ମନେପକାଇ ଆଉ ଗୋଟେ ରାତି ଭିତରେ ସନ୍ତୁଷ୍ଟ ରହିବା ହିଁ ତା' ଜୀବନରେ ଲେଖା ।

*–ବରୋଦା, ଗୁଜରାଟ, ମୋ: ୭୪୯୦୯୯୬୮୬୫*

## ତଥାପି ତଥାଗତ

–ରଞ୍ଜନ କୁମାର ମହାନ୍ତି

ତଥାଗତ !
ତୁମ ଆଗରେ ଏକ ଲମ୍ବା ପୂର୍ଣ୍ଣଚ୍ଛେଦ...
ମୋ ଭାଗରେ ସରୁ ନ ଥିବା ରାସ୍ତା,
ମୋଡ଼କେ ଅୟୁତ ଆହ୍ୱାନ,
ଜୀବନ, ଦହନ, ସମ୍ମୋହନ
ନିଃସଙ୍ଗତାର ମଉଳା ଦରଦ...
ତୁମ ନିର୍ବାଚନ ପରେ କୁହ ତ
ପ୍ରେମରେ କ'ଣ ନିର୍ବାଣ ନ ଥାଏ ?

ପ୍ରତିଟି ପାହାନ୍ତି ତ ମୋ ପାଇଁ ପୁନଃର୍ଜନ୍ମ,
ତୁମ ନିର୍ବାଣର ଅବଧି କେତେ ?
ପ୍ରତିଟି ପୁରୁଷ ତ ମୋ ପାଇଁ ଅଭିଶାପ
ଗଢ଼ିପାରିବ ସଂଘଟେ, ପୁରୁଷର ଅତିରିକ୍ତେ ?
ନିଜକୁ ଭୋଗୁଥାଏ ମୁଁ
ଫେରିଯାଅ ତଥାଗତ !
ମୋ ପୃଥିବୀ ପ୍ରିୟ ମୋତେ।

ହେଇ ନିଅ ଜାଳିଦେଲି
କାମନାର ଫର୍ଦ୍ଦ ଫର୍ଦ୍ଦ ଦରଖାସ୍ତ
ଏବେ ବୋଧେ ଦୁଃଖର ବିନାଶ ସୁନିଶ୍ଚିତ !
ଜଳୁଛନ୍ତି ଇଚ୍ଛାମାନେ ?
ଜଳୁଛନ୍ତି ଆପଣାର ମଣିଷ ସମସ୍ତେ
ଜଳି ଜଳି ଇହଜନ୍ମ ବିବର୍ଣ୍ଣ,ବିଦୀର୍ଣ୍ଣ
ପ୍ରାରବ୍ଧରେ ଆହୁତି ସହିତେ ତଥାପି,
କେଉଁ ଏକ ନିର୍ବାଣର ମୋହେ
ଜଳୁଛନ୍ତି ତଥାଗତ, ଯଶୋଧାରା ଦୁହେଁ।

*–ଜାମଶୂଳି, ବାଲେଶ୍ୱର*
*ମୋ : ୮୬୫୮୫୭୪୯୪୫*

# ତବୁ ଯାହା ଚାହୁଁଥିଲେ..

ଅଭିନୟରେ ତବୁଙ୍କର କେତେ ପଟୁତା ଅଛି ତାହା କହିବା ଅନାବଶ୍ୟକ। ନିଜ ଭୂମିକାକୁ ସେ ଏଭଳି ଭାବରେ ତୁଲାଇଥାଆନ୍ତି ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେଇଥାଏ। 'ଦୃଶ୍ୟମ-୨'ରେ ବି ଦେଖିବାକୁ ମିଳିଥିଲା ତାଙ୍କର ଦମ୍‌ଦାର ଅଭିନୟ। ଫିଲ୍ମଟି ବକ୍ସ ଅଫିସ୍‌ରେ ସଫଳ ବି ହୋଇଥିଲା। ଫିଲ୍ମଟିର ସଫଳତା ପରେ ସେ ପୁଣି ଥରେ ଅଜୟ ଦେବଗନଙ୍କ ସହ ଅଭିନୟ କରିବାକୁ ଚାହୁଁଥିଲେ। ଆଉ ତାହା ମଧ୍ୟ ଏବେ ପୂରଣ ହୋଇଛି। ରିଲିଜ ଅପେକ୍ଷାରେ ଥିବା 'ଔରୋ ମେଁ କାହାଁ ଦମ୍ ଥା'ରେ ଏହି ଯୋଡିକୁ ଦର୍ଶକ ପୁଣି ଥରେ ଦେଖିବାକୁ ପାଇବେ। ଏ ନେଇ ତବୁ କହନ୍ତି, 'ଏହା ହେଉଛି ଏକ ଲଭ୍ ଷ୍ଟୋରି। ହେଲେ ତାହାକୁ ଏଭଳି ଦୃଶ୍ୟାୟନ କରାଯାଇଛି, ଯାହା ସିନେପ୍ରେମୀଙ୍କୁ ଶତ ପ୍ରତିଶତ ଏଣ୍ଟରଟେନ କରିବ। ଏହି ଫିଲ୍ମରେ ଅଜୟ ସହ ମୋ ଯୋଡିକୁ ଦର୍ଶକ ପୁଣି ଥରେ ଗ୍ରହଣ କରିବେ ବୋଲି ଆଶା ରଖିଛି।' ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି 'ଏମ.ଏସ. ଧୋନି : ଦ ଅନଟୋଲ୍ଡ ଷ୍ଟୋରି'ର ନିର୍ଦ୍ଦେଶକ ନୀରଜ ପାଣ୍ଡେ। ଏଥିରେ ଅଜୟଙ୍କ ଅପୋଜିଟ୍‌ରେ କିଏ ଅଭିନୟ କରିବେ ସେ ନେଇ ବେଶ୍ କିଛି ମାସ ଭାବିବା ପରେ ଶେଷରେ ତବୁଙ୍କୁ ସାଇନ୍ କରାଯାଇଥିଲା। ଫିଲ୍ମଟିର ଶୁଟିଂ ୨୦୨୨ରେ ଆରମ୍ଭ ହୋଇଥିଲେ ମଧ୍ୟ କେତେକ କାରଣରୁ ବିଳମ୍ବ ହୋଇ ଚଳିତ ବର୍ଷ ଶେଷ ହୋଇଛି। ଚିତ୍ରଟି ଆସନ୍ତା ବର୍ଷ ଏପ୍ରିଲ ୨୬ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଅଜୟ-ତବୁଙ୍କ ବ୍ୟତୀତ ଜିମି ଶେରଗିଲ୍, ସାଇ ମଞ୍ଜରେକର, ଶାନ୍ତନୁ ମାହେଶ୍ୱରୀ ଅଭିନୟ କରିଛନ୍ତି।


ତବୁ

# ଅପେକ୍ଷାର ଫଳ ମିଠା

'ଜୟ ଜଗନ୍ନାଥ' ଫିଲ୍ମରୁ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ ଦେବାଶିଷ ପାତ୍ର। ଇତି ମଧ୍ୟରେ ସେ ବେଶ୍ କେତୋଟି ସିନେମାରେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସି ସାରିଛନ୍ତି। ଏଥର ଦଶହରାରେ 'କଟକ : ଶେଷରୁ ଆରମ୍ଭ, ପ୍ରଥମ ଅଧ୍ୟାୟ' ହିଟ୍ ହେବା ପରେ ସତେ ଯେମିତି ତାଙ୍କୁ ଖୋଜିବା ଚିଜ ମିଳିଯାଇଛି। ଏଥିରେ ଅଭି ଭୂମିକା ପାଇଁ ସେ ସାଉଁଟି ଚାଲିଛନ୍ତି ପ୍ରଶଂସା। ଏ ନେଇ ଦେବାଶିଷ କହନ୍ତି, 'ଯେତେବେଳେ ମୋତେ ଏ ରୋଲ୍ ବିଷୟରେ ପ୍ରଯୋଜକ କୁମାର ପ୍ରୀତମ ସାହୁ ଏବଂ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ଅବଗତ କରାଇଲେସେତେବେଳେ ଜାଣିଯାଇଥିଲି ଯେ ଏହା ମୋ ପାଇଁ ଏକ ଚ୍ୟାଲେଞ୍ଜ। ସତରେ ଅପେକ୍ଷାର ଫଳ ମିଠା। ଏଣିକି ଏଭଳି ଭୂମିକାରେ ଅଭିନୟ କରିବି ଯାହା ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ।' ଅନ୍ୟପକ୍ଷରେ ସେ ଅଭିନୟ କରିଥିବା ଆଉ ଏକ ଓଡ଼ିଆ ସିନେମା 'ଚନ୍ଦ୍ରମା' ରିଲିଜ ଅପେକ୍ଷାରେ ରହିଛି। ଏକ ଭୌତିକ ଘଟଣାକୁ ନେଇ କାହାଣୀ ଆଗକୁ ଗତି କରୁଛି। ଧୁନ୍ ମ୍ୟୁଜିକାଲ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଥମ ଟିଜର ରିଲିଜ ହେବାର ଅଳ୍ପ କିଛି ସମୟ ମଧ୍ୟରେ ରେକର୍ଡ଼ ସଂଖ୍ୟକ ଭାଇରାଲ୍ ହୋଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି କେପି ଏବଂ ସହ-ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ରବି ମହାନ୍ତି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ବିଶ୍ୱ ଭୂଷଣ ମହାପାତ୍ର। ଏହି ଚଳଚ୍ଚିତ୍ରରେ ଦେବାଶିଷଙ୍କ ବ୍ୟତୀତ ଭୂମିକା ଦାଶ ଓ ପ୍ରିୟା ଚୌଧୁରୀଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ଦେବାଶିଷ

# ଗରିବଙ୍କ ସାଥୀ ହେବେ ସାରା

ସୈଫ ତନୟା ସାରା ଅଲ୍ଲୀ ଖାଁ ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ପ୍ରତିଟି ଫିଲ୍ମ ପାଇଁ ସେ ପାଉଥିବା ପାରିଶ୍ରମିକର କିଛି ଅଂଶ ସେ ସମାଜସେବାରେ ନିୟୋଜିତ କରିବେ। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ ମଧ୍ୟ କରିସାରିଲେଣି। କେବଳ ସେତିକି ନୁହେଁ, ନିଜର ନୂଆ ଯୋଜନାକୁ ରୂପରେଖ ଦେବା ପାଇଁ ସେ ଏକ ସଂସ୍ଥା ଗଠନ କରିଛନ୍ତି। ଏଥିରେ ତାଙ୍କ ବ୍ୟତୀତ ତାଙ୍କର କେତେ ଜଣ ସାଙ୍ଗ ମଧ୍ୟ କାମ କରିବେ। ଏପରି ନିଷ୍ପତ୍ତି ସମ୍ପର୍କରେ ସାରା କହନ୍ତି, ''ନିକଟରେ ଜଣେ ସାଙ୍ଗଙ୍କ ସହ କଥାହେବାବେଳେ ସେ ମୋତେ ଏଭଳି ସଜେସନ ଦେଇଥିଲେ। ଏ ନେଇ ପ୍ରାୟ ଗୋଟିଏ ସପ୍ତାହ ଭଲ ଭାବରେ ଚିନ୍ତା କରିବା ପରେ ଏ କ୍ଷେତ୍ରରେ ପାଦ ଦେଇଛି। ମୁଁ ପ୍ରତିଟି ଫିଲ୍ମରୁ ପାଉଥିବା ପାରିଶ୍ରମିକରୁ କିଛି ଅଂଶ ସମାଜସେବା ପାଇଁ ଖର୍ଚ୍ଚ କରିବି। ଆଜିର ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ପେଟପୂରା ଖାଇବାକୁ ପାଉନାହାନ୍ତି। ସେଭଳି ଲୋକଙ୍କୁ ପ୍ରାଥମିକତା ଦିଆଯିବ।'' ସାରାଙ୍କ ଡେବ୍ୟୁ ଫିଲ୍ମ ଥିଲା 'କେଦାରନାଥ' ଏବଂ ଚିତ୍ରଟି ୨୦୧୮ରେ ରିଲିଜ ହୋଇଥିଲା। ଚଳିତ ବର୍ଷ ତାଙ୍କୁ ମାତ୍ର ଗୋଟିଏ ସିନେମାରେ ଦେଖିବାକୁ ମିଳିଥିଲା। 'ରକି ଔର ରାଜା କି ପ୍ରେମ କାହାନୀ'ରେ ସଂଯୋଜିତ ଗୀତ 'ହାର୍ଟ ଥ୍ରୋବ୍'ରେ ସେ ନାଚିଥିଲେ।


ସାରା

# ଜନ୍ମଦିନ ଭେଟି

ଖିଲାଡି ମାଷ୍ଟର ଅକ୍ଷୟ କୁମାର ତାଙ୍କର ଅଗଣିତ ପ୍ରଶଂସକମାନଙ୍କୁ ଜନ୍ମଦିନ ଭେଟି ଦେଇଛନ୍ତି। ତାହା କ'ଣ ଜାଣନ୍ତି ? ଚଳିତ ବର୍ଷ ସେପ୍ଟେମ୍ବର ୯ରେ ସେ ତାଙ୍କର ଜନ୍ମଦିନ ପାଳନ କରିଥିଲେ। ଆଉ ଏହି ଦିନ ସେ ଅଭିନୟ କରୁଥିବା ହିନ୍ଦୀ ସିନେମା 'ୱେଲକମ୍ ଟୁ ଦ ଜଙ୍ଗଲ'ର ଟିଜର ରିଲିଜ ହୋଇଥିଲା। ଇତି ମଧ୍ୟରେ ଏହା ଦର୍ଶକାଦୃତ ହୋଇସାରିଛି। ଏକଥା ଜାଣିବା ପରେ ସେ ପ୍ରଶଂସକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏ ନେଇ ଅକ୍ଷୟ କହନ୍ତି, 'ଏହି ଫିଲ୍ମ ହେଉଛି ମୋ ଜନ୍ମଦିନ ଭେଟି। ଏବେ ତ ଆପଣମାନେ କେବଳ ଏହାର ଟିଜର ଦେଖିଛନ୍ତି। ଫିଲ୍ମଟି ଦେଖିବା ପରେ ତାହା କେତେ ସୁନ୍ଦର ହୋଇଛି ବଳେ ଜାଣିପାରିବେ।' ଏଥିରେ ଅକ୍ଷୟ କୁମାର ଜଣେ ପୋଲିସ ଅଫିସର (ଜୟ ବକ୍ସି) ଭୂମିକାରେ ଅଭିନୟ କରିଛନ୍ତି। ଅପରାଧ ଦୁନିଆରେ ରାଜ୍ କରୁଥିବା ସୋଲାଙ୍କି ସାମ୍ରାଜ୍ୟକୁ ସେ କିପରି ଧ୍ୱଂସ କରୁଛନ୍ତି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଷ୍ଟାର ଷ୍ଟଡେଡ୍ ଫିଲ୍ମରେ ଅକ୍ଷୟଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ସୁନୀଲ ସେଟ୍ଟି, ଅର୍ସଦ ୱାର୍ସି, ପରେଶ ରାୱଲ, ଜନି ଲିଭର, ରାଜପାଲ ଯାଦବ, ତୁଷାର କପୁର, ଶ୍ରେୟାଶ ତଲପାଡେ, କ୍ରିଷ୍ଣା ଅଭିଷେକ, ଦଲେର ମେହେନ୍ଦି, ମିକା ସିଂ, ରାହୁଲ ଦେବ, ମୁକେଶ ତିୱାରି, ରବିନା ଟଣ୍ଡନ, ଦିଶା ପଟାନି, ଜ୍ୟାକଲିନ୍ ଫର୍ନାଣ୍ଡିସ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ଏହାର ଶୁଟିଂ ଚଳିତ ମାସ ୧୧ରୁ ମୁମ୍ବାଇରେ ଆରମ୍ଭ ହୋଇଯାଇଛି।


ଅକ୍ଷୟ କୁମାର

# ଅନନ୍ୟାଙ୍କ ପ୍ରିୟ ଖାଦ୍ୟ

ଅନନ୍ୟା ପାଣ୍ଡେ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ। ହେଲେ ଏପରି ଏକ ଖାଦ୍ୟ ଅଛି, ଯାହାକୁ ସେ ଖାଇବାକୁ ଭାରି ପସନ୍ଦ କରନ୍ତି। ପ୍ରତିଦିନ ଏହାକୁ ନ ଖାଇଲେ ତାଙ୍କୁ ଯେମିତି କିଛି ହଜାଇ ଦେଲା ଭଳି ଲାଗେ। ହେଲେ ସେ ଖାଦ୍ୟଟି କ'ଣ ଜାଣିବେନି ? ପିଜ୍ଜା। ହଁ, ଚଙ୍କି ତନୟାଙ୍କର ପିଲାଟି ଦିନରୁ ପିଜ୍ଜା ଖାଇବା ପ୍ରତି ଆଗ୍ରହ ରହିଥିଲା। ନିଜର ଏଭଳି ଅଭ୍ୟାସ ବିଷୟରେ ସେ କହନ୍ତି, ''ପିଜା ଏକ ଫାଷ୍ଟଫୁଡ୍ ମୁଁ ଜାଣିଛି। ତଥାପି ଏହାକୁ ପ୍ରତିଦିନ ନ ଖାଇଲେ ମୋ ମନକୁ ଶାନ୍ତି ଆସି ନ ଥାଏ। ବେଳେବେଳେ ନିଜେ ପିଜ୍ଜା ପ୍ରସ୍ତୁତ କରି ଖାଇଥାଏ। ନିକଟରେ ମୁଁ ମୋ ସାଙ୍ଗମାନଙ୍କୁ ଏକ ପିଜା ପାର୍ଟି ପାଇଁ ଆମନ୍ତ୍ରଣ କରିଥିଲି। ଏହି ସମୟରେ ସେମାନଙ୍କୁ ମୁଁ ନିଜେ ପିଜ୍ଜା ପ୍ରସ୍ତୁତ କରି ଖୁଆଇଥିଲି। ସେମାନେ ଏହି ପିଜ୍ଜାକୁ ଖାଇ ମୋତେ ବେଶ୍ ପ୍ରଶଂସା କରିଥିଲେ।'' ଅନନ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୯ରୁ। ଆଉ ଫିଲ୍ମଟି ଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'। ଏହାପରେ ସେ 'ପତି ପତ୍ନୀ ଔର ୱ', 'ଖାଲି ପିଲି'. 'ଗେହରାଇୟାଁ', 'ଲାଇଗର', 'ଡ୍ରିମ ଗର୍ଲ ୨' ଆଦି ଫିଲ୍ମରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ନେଇ ନିର୍ମିତ 'ଖୋ ଗୟେ ହମ୍ କାହାଁ' ଏବଂ 'କଣ୍ଟ୍ରୋଲ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।


ଅନନ୍ୟା

# ଟେନସନ୍‌ରେ ସାନ୍ୟା


ସାନ୍ୟା

ସାନ୍ୟା ମାଲହୋତ୍ରାଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ବେଶ୍ ତର୍ଜମା ପରେ ଏଭଳି ଅଫରକୁ ଗ୍ରୀନ୍ ସିଗନାଲ ଦେଖାଇଛନ୍ତି ସେ। ଅନ୍ୟପକ୍ଷରେ ଅନ୍ୟ ଏକ ନୂଆ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଏକ ସିନେମାରେ ସେ ମଧ୍ୟ ଅଭିନୟ କରିବେ। ଏନେଇ ସାନ୍ୟା କହନ୍ତି, 'ବର୍ତ୍ତମାନ ମୋ ହାତରେ ଦୁଇଟି ନୂଆ ଅଫର ରହିଛି। ଆଉ ଦୁଇଟିଯାକ ନୂଆ ବ୍ୟାନରର ଓ ପ୍ରଯୋଜକ ମଧ୍ୟ ନୂଆ। ହେଲେ ଏସବୁର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଛି। ତା'ସହ ସେଗୁଡିକରେ ମୋ ଭୂମିକାକୁ ନେଇ ଢ଼େର ଆଶା ରଖିଛି। ଏହା ମୋ ଆକ୍ଟିଂ କ୍ୟାରିୟରକୁ ଆହୁରି ମାଇଲେଜ ଦେବ ବୋଲି ଦୃଢ଼ ବିଶ୍ୱାସ ରହିଛି। ଏଗୁଡିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ। ହେଲେ ଏ ନେଇ ମୋତେ ଡେଟ୍ ଫିକ୍ସ କରିବାକୁ ହେବ। ତେଣୁ ଟିକେ ଟେନସନରେ ଅଛି।' ଏହି ଫିଲ୍ମ ଦ୍ୱୟ ସାନ୍ୟାଙ୍କ କ୍ୟାରିୟରକୁ କି ମୋଡ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ପ୍ରଥମ ମାସର ଦରମା ପକେଟ୍‌ମାର ହୋଇଥିଲା

ପ୍ରଥମ ରୋଜଗାର

୧୯୮୦ ଅଗଷ୍ଟ ୧୬ରେ ମୁଁ କଟକ ନୂଆବଜାରରେ ଆରମ୍ଭ କରାଯାଇଥିବା କଟକ କଲେଜରେ ପ୍ରଥମ ବିଭାଗୀୟ ମୁଖ୍ୟ ଭାବେ ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ଯୋଗ ଦେଲି। ନୂଆବଜାର ମେନ୍ ରୋଡ୍‌ରେ ଏହି କଲେଜ ଚାଲିଲା ନୂଆବଜାର ହାଇସ୍କୁଲର ପୁରୁଣା ଆଜବେଷ୍ଟସ୍ ଘରେ। ଆଜିର କଲେଜ ପରି ସେତେବେଳେ ଚାକଚକ୍ୟ ନ ଥିଲା କଲେଜରେ। ତଥାପି ଏକ ନିଆରା ଆନନ୍ଦରେ ଚାକିରି ଆରମ୍ଭ ଦିନରୁ ସମୁଦାୟ ମାସର ଦିନଗୁଡ଼ିକ ଅତିକ୍ରାନ୍ତ ହୋଇଥିଲା ବୃତ୍ତିଗତ ଆନୁଗତ୍ୟରେ। ସେତେବେଳେ ନୂଆବଜାରର ଏକ ଭଡ଼ାଘରେ ରହୁଥିଲି। ଅଧ୍ୟାପନା ବ୍ୟତୀତ ଲେଖାଲେଖିରେ ବି ବେଶ୍ ସଉକ ଥିଲା ସେ ସମୟରେ। ଚାକିରିର ପ୍ରଥମ ମାସର ଅବଧି ଭିତରେ ମୋର ପ୍ରଥମ ସମାଲୋଚନା ବହି 'ପ୍ରାଚୀନ ଓ ଆଧୁନିକ ସାହିତ୍ୟ ସମୀକ୍ଷା' ପ୍ରକାଶ ପାଇଥିଲା। ତା'ର କିଛିଦିନ ପରେ ପ୍ରଥମ ବହି ବାହାରିବା ଖୁସି ସହ ସାମିଲ ହେଲା ପ୍ରଥମ ମାସ ଦରମା ପାଇବାର ଖୁସି। ୪୫୦ ଟଙ୍କା ଥିଲା ମୋ ପ୍ରଥମ ଦରମା; ଯାହାକି ମୋ ପାଇଁ କାହିଁରେ କେତେ ଥିଲା। କାରଣ ଘରର ଦାୟିତ୍ୱ ମୋ ଉପରେ ସେମିତି କିଛି ନ ଥିଲା। ଖାଲି ଯାହା ନିଜର ଘରଭଡ଼ା ପାଇଁ ୫୦ଟଙ୍କା, ହୋଟେଲ ବାକି ଶୁଝିବାକୁ ମାସିକ ୩୦୦ଟଙ୍କା, ପ୍ୟାଣ୍ଟଶାର୍ଟ ଇସ୍ତ୍ରି ଓ ଜଳଖିଆ ଆଦି ପାଇଁ ପ୍ରାୟ ୫୦ଟଙ୍କା ପରେ ବି ଆହୁରି ବଳୁଥିଲା ୫୦ଟଙ୍କା; ଯାହାକୁ ମୁଁ ଇଚ୍ଛା ମୁତାବକ ଖର୍ଚ୍ଚ କରିପାରିବି ବୋଲି ମନେ ମନେ ଭାବି ନେଇଥିଲି। ତେଣୁ ଯେଉଁଦିନ ପ୍ରଥମ ଦରମା ପାଇଲି ସେଦିନ ନିଜ ସାଇକେଲ୍ ଧରି କଟକ ଦେବୀ-ଦୁର୍ଗା ହଲ୍‌କୁ ଗଲି ପ୍ରଶାନ୍ତ ନନ୍ଦଙ୍କର ଏକ ସିନେମା ଦେଖିବାକୁ। ମେଟିନ୍ ଶୋ' ୩ରୁ ୬। ହଲ୍‌ରେ ଭିଡ଼ ବେଶ୍ ଥିଲା। ସେହି ଗହଳି ଭିତରେ ଭିଡ଼ ଧାଡିରେ ଠିଆହୋଇ ସିନେମା ପାଇଁ ଟିକେଟ୍ କାଟିଲି। ପର୍ସ ବାହାରକରି ଟିକେଟ୍ ପାଇଁ କାଉଣ୍ଟରରେ ଟଙ୍କା ଦେଲି। ସେ ବଳକା ପଇସା ଫେରେଇବା ପରେ ପର୍ସରେ ଭର୍ତ୍ତି କରି ଭିଡ଼ ଠେଲି ବାହାରକୁ ଆସିଲି। ଶୋ' ଆରମ୍ଭ ହେବାରୁ ଏକୁଟିଆ ହଲ୍‌ରେ ବସି ସିନେମାର ମଜାନେଲି। ଇଣ୍ଟରଭାଲ୍ ହେବାରୁ ବାହାରକୁ ଆସିଲି। ନଜର ପଡିଲା ହଲ୍ ସାମ୍ନାରେ ଚେନାଚୁର ବିକାଳି ଉପରେ। ପ୍ରଥମ ମାସର ଦରମାରେ ସିନେମା ହଲ୍‌ରେ ବସି କଟକୀ ମିକ୍ସଚରରେ ପିଆଜ, ଲେମ୍ବୁ, ଜିରାଲଙ୍କା ଗୁଣ୍ଡ ମିଶା ଚଟ୍‌ପଟି ଖାଇବାକୁ ଇଚ୍ଛା ହେଲା। ତେଣୁ ସେହି ଦୋକାନୀକୁ ବରାଦ ଦେଲି। ପୁଡ଼ିଆ ତିଆରି ହୋଇଗଲା; ଯାହାର ଦାମ୍ ଥିଲା ୩ଟଙ୍କା। ହାତରେ ପୁଡ଼ିଆ ଧରି ପର୍ସରେ ହାତ ମାରିଲାବେଳକୁ ପକେଟ୍‌ରେ ପର୍ସ ନ ଥିଲା। ଭିଡ଼ରେ ପକେଟ୍‌ମାର୍ ତା' କରାମତି ଦେଖାଇଥିଲା। ଏକପ୍ରକାର ମୁଁ ନିଃସ୍ୱ ହୋଇ ପଡିଥିଲି। ଚେନାଚୁର୍ ବାଲାକୁ କେମିତି ପଇସା ଦେବି। ତା'ବାଦ୍ ସାଇକେଲ୍ ଷ୍ଟାଣ୍ଡବାଲାର ପଇସା ଟଙ୍କାଟେ। କାନ୍ଦଲାଗିଲା। ବିଚରା ଚେନାଚୁର୍ ବାଲା- ବୋଧହୁଏ ବୁଝିଗଲା ମୋ ଅସହାୟତାକୁ। ମୋଠାରୁ ସବୁକଥା ଶୁଣିଲା ପରେ ସେ କହିଲା- 'ବାବୁ ଏଠି ପକେଟ୍‌ମାର୍ ନୂଆକଥା ନୁହେଁ, ରୋଜ୍ କଥା। ଆପଣ ଚିନ୍ତା କରନ୍ତୁନି, ମୋ ପଇସା ପାଇଁ। ପରେ କେବେ ଆସିଲେ ଦେଇଦେବେ।' ଏହାବାଦ୍ ସିଏ ଟଙ୍କାଟିଏ ବି ଦେଲା ସାଇକେଲ୍ ଷ୍ଟାଣ୍ଡବାଲାକୁ ଦେବା ପାଇଁ । ତା'ପରେ କହିଲା- 'ବାବୁ! ସିନେମା ଷ୍ଟାର୍ଟ ହୋଇଗଲାଣି। ଭଲ ସିନେମାଟା, ଦେଖି ନିଅନ୍ତୁ। ଯାହା ହେବାର ଥିଲା ହେଲା। ପ୍ରଥମ ମାସର ଦରମା ପକେଟ୍‌ମାର୍ ଏକ ଶୁଭଲକ୍ଷଣ। ଆପଣ ଜୀବନରେ ବହୁତ ରୋଜଗାର କରିବେ।' ଏବେ ବି ତା'ର ସେକଥା ମୋ ଚୈତନ୍ୟକୁ ଉତ୍ତରିତ କରିରଖିଛି। ପଇସା ପଛେ ଯାଉ, ଜଣେ ଭଲ ମଣିଷ ସହ ମୋର ସଙ୍ଗତ ହୋଇଗଲା। ତେଣୁ ସେବେଠୁ ଯେବେ ବି ମୁଁ ସେଠିକି ସିନେମା ଦେଖିବାକୁ ଯାଏ, ତା'ରି ଦୋକାନରୁ ଚେନାଚୁର୍ ଖାଏ ହେଲେ ସିଏ ପଇସା ନିଏନି। ଏକ ନିଆରା ସମ୍ପର୍କ ଗଢ଼ି ହୋଇଯାଇଛି ତା' ସହିତ ମୋର।



ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ **ଡ.ନୃସିଂହ ଷଡ଼ଙ୍ଗୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



# ହୋଇଥାଉ ଯେତେ ବାନ୍ଦେରୀ, ପ୍ରେମିକ ପାଇଁ ସିଏ ସୁନ୍ଦରୀ

**ପ୍ରଶ୍ନ**-ମୋ ପ୍ରେମିକା ଦେଖିବାକୁ ସୁନ୍ଦର ନୁହେଁ। ମୋର ଜଣେ ସାଙ୍ଗ କହୁଛି ଯେ, ତାକୁ ଛାଡି ନୂଆ ପ୍ରେମିକାଟିଏ ଖୋଜିବାକୁ। କ'ଣ କରିବି ?

*-ସୁନୀଲ କୁମାର, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ପ୍ରେମିକା ଯେତେ ଅସୁନ୍ଦରୀ ହେଇଥାଉ ପଛକେ, ହେଲେ ପ୍ରେମିକ ପାଇଁ ସେ ଦିବ୍ୟ ସୁନ୍ଦରୀ। କାରଣ ପ୍ରେମ ରୂପରେ ନିହିତ ନ ଥାଏ। ମନରେ ମନ ମିଶିଲେ ହିଁ ପ୍ରେମର ସୃଷ୍ଟି ହୁଏ। 'ହୋଇଥାଉ ଯେତେ ବାନ୍ଦେରୀ, ପ୍ରେମିକ ପାଇଁ ସିଏ ସୁନ୍ଦରୀ'। ତେଣୁ ଯାହାକୁ ମନ ଦେଇଛନ୍ତି ଏବେ ଉଣା କଲେ କ'ଣ ହେବ ? କାହା କଥାରେ ପଡି ମନର ମାନସୀକୁ ଯଦି ସାଇଡ୍ କରି ନୂଆ ଚ୍ୟାନେଲକୁ ଆପଣେଇ ନିଅନ୍ତି, ସେତେବେଳେ ନିଜର ମନ ବୁଝିବ ତ ? ପ୍ରେମରେ ମନ ଯେଉଁଠି ଥରେ ମାନିଯାଏ ତାକୁ ଭୁଲିବା କେତେ କଷ୍ଟକର କେବଳ ଅନୁଭବୀ ହିଁ ଜାଣେ।

**ପ୍ରଶ୍ନ**-ପ୍ରେମର ଆରମ୍ଭ କେମିତି ହୁଏ ଜାଣିପାରୁନି। ତାହା ମୋତେ ବୁଝାଇ ଦେବେ କି?

*-ତନ୍ମୟ, ବଲାଙ୍ଗୀର*

**ଉତ୍ତର:** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ଗୋଟିଏ କଥା, ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ।

**ପ୍ରଶ୍ନ**-ଯାହାକୁ ମନପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ପୁଣି ଅଧା ବାଟରେ ହାତ ଛାଡି ଚାଲିଗଲା। କ'ଣ କରିବି ?

*-ବିନୟ କୁମାର, ରେଢ଼ାଖୋଲ*

**ଉତ୍ତର:** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି। ଏବେ ସେ ପ୍ରେମ ନାହିଁ କି ପ୍ରେମିକା ନାହିଁ। ତେଣୁ ସେପରି ପ୍ରେମର ଦି ଏଣ୍ଡ ହୋଇଯାଇଛି ବୋଲି ଧରି ନେଲେ କ୍ଷତି କ'ଣ ? ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ୍ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ହେଲେ ନୂଆ ପ୍ରେମ ସୁରୁ କରିବା ପୂର୍ବରୁ ପୁରୁଣା ପ୍ରେମକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ମନ ଭିତରେ ଧୁକୁ ଧୁକୁ ହୋଇ ଜଳୁଥିବା ସେହି ପ୍ରେମର ନିଆଁ ହୁଏତ ଦିନେ ଆପଣଙ୍କ ନୂଆ ପ୍ରେମକୁ ପୋଡି ଛାରଖାର କରିଦେଇପାରେ।

**ପ୍ରଶ୍ନ**-ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। ହେଲେ ତାକୁ କେମିତି ଆପଣେଇନେବି ଜାଣିପାରୁନି। କ'ଣ କରିବି ?

*-ବିଜୟ ରାଉତ, ସୋନପୁର*

**ଉତ୍ତର:**କଥାଟା ଯଦି ଏତେବାଟ ଆଗେଇ ଗଲାଣି ତେବେ ବିଳମ୍ବ କଲେ କିଛି ଲାଭ ନାହିଁ। କାରଣ ଏହି କଥାକୁ ନେଇ ଯେତେ ଭାବିବେ ଆପଣଙ୍କ ମନରେ ସେତିକି ନୂଆ ପ୍ରଶ୍ନ ସୃଷ୍ଟି ହେବ। ତେଣୁ ଶୁଭସ୍ୟ ଶୀଘ୍ରମ। ବିଳମ୍ବ କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। କାରଣ ଅନେକ ସମୟରେ ଇସାରାରୁ ପ୍ରେମର ସୃଷ୍ଟି ହୋଇଥାଏ। ଯଦି ତାହାକୁ ଦେଖି ଜାଣିପାରୁଛନ୍ତି ଯେ ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ, ସେହି ମନର ମାନସୀକୁ ନିଜ ମନର ସ୍ୱତନ୍ତ୍ର କୋଣରେ ରଖି ଦିଅନ୍ତୁ।

**ପ୍ରଶ୍ନ**-ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ତାକୁ ମନରୁ କେମିତି ଆଉଟ୍ କରିବି ସେ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*-ଅଭିଷେକ, ଖୋର୍ଦ୍ଧା*

**ଉତ୍ତର:**ପ୍ରେମରେ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକ୍‌ମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲ୍‌ଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡ଼ି ଗୁଡ କହୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର।

# ତସଲିମା ଓ ରୁଦ୍ର ପ୍ରେମ-ବିବାହ- ବିଚ୍ଛେଦ





ତସଲିମା ନାସରିନ ପ୍ରେମ କରି ବିବାହ କରିଥିଲେ କବି ରୁଦ୍ର ମହମ୍ମଦ ଶହୀଦୁଲ୍ଲାଙ୍କୁ । ତେବେ ଏକାଧିକ ପ୍ରେମର ଅଭିଯୋଗ କରି ରୁଦ୍ରଙ୍କୁ ଛାଡ଼ି ଚାଲିଯାଆନ୍ତି ତସଲିମା । ତସଲିମାଙ୍କ ସହିତ ବିବାହ ବିଚ୍ଛେଦର ଚାରିବର୍ଷ ପରେ ଅର୍ଥାତ୍ ୧୯୯୧ ମସିହାରେ ରୁଦ୍ରଙ୍କର ମୃତ୍ୟୁ ହୁଏ। ଅତ୍ୟଧିକ ମାଦକ ସେବନ ତାଙ୍କର ଅକାଳ ମୃତ୍ୟୁର କାରଣ ବୋଲି ପ୍ରଚାରିତ ହୁଏ। ରୁଦ୍ରଙ୍କ ମୃତ୍ୟୁପରେ ତାଙ୍କ ରଚିତ 'ଆମାର ଭିତର ବାହିରେ ଅନ୍ତରେ ଅନ୍ତରେ' (ମୋର ଭିତରେ ବାହାରେ ଅନ୍ତରେ ଅନ୍ତରେ ) ଶୀର୍ଷକ କବିତାଟି ଆବିଷ୍କୃତ ହୁଏ, ପରବର୍ତ୍ତୀ କାଳରେ ଏହି କବିତାଟି ଅପୂର୍ବ ଲୋକପ୍ରିୟତା ହାସଲ କରିଥିଲା । ଅନେକଙ୍କ ମତରେ ରୁଦ୍ର ତସଲିମାଙ୍କୁ ଉଦ୍ଦେଶ୍ୟ କରି ଏହି କବିତାଟି ରଚନା କରିଥିଲେ । ଏହି କବିତାର ଜବାବରେ ତସଲିମା ନାସରିନ ମଧ୍ୟ ଗୋଟିଏ କବିତା ଲେଖିଥିଲେ, ଯେଉଁ କବିତାରେ ସେ ରୁଦ୍ରଙ୍କ ପ୍ରତି ତାଙ୍କର ପ୍ରେମର କଥା ଲେଖିବା ସହିତ ରୁଦ୍ରଙ୍କର ଏକାଧିକ ପ୍ରେମର କଥା ମଧ୍ୟ ଉଲ୍ଲେଖ କରିଥିଲେ।

**ମୋର ଭିତରେ ବାହାରେ ଅନ୍ତରେ ଅନ୍ତରେ**

-ରୁଦ୍ର ମହମ୍ମଦ ଶହୀଦୁଲ୍ଲା

''ମୋର ଭିତରେ ବାହାରେ ଅନ୍ତରେ ଅନ୍ତରେ
ଅଛ ତୁମେ ହୃଦୟ ଆବୋରି
ଘୋଡ଼ାଇ ରଖେ ଯେପରି କୁସୁମ
ପାଖୁଡ଼ାର ଆଡୁଆଳରେ ଫସଲର ନିଦ
ସେପରି ତୁମର ନିବିଡ଼ ଚାଲିବା
ମରମର ମୂଳ ପଥ ଧରି
ପୋଷି ରଖେ ଯେପରି ଶାମୁକା
ଖୋଳପାର ଆବରଣରେ ମୁକ୍ତାର ସୁଖ
ସେହିପରି ତୁମ ଆଖିର
ଗଭୀର ନୀଳ ବନ୍ଦରରେ
ଭଲ ଅଛି, ଭଲ ଥାଅ
ଆକାଶର ଠିକଣାରେ ଚିଠି ଲେଖିବ
ଦେବ ତୁମର ହାରଟା
ବାଉଲର ଏହି ମନକୁ ।''

*

ରୁଦ୍ରଙ୍କର ଏହି କବିତାର ଜବାବରେ ତସଲିମା ଲେଖିଥିଲେ .....

ପ୍ରିୟ ରୁଦ୍ର, ପ୍ରଯତ୍ନରେ, ଆକାଶ

ତୁମେ ଆକାଶର ଠିକଣାରେ ଚିଠି ଲେଖିବା ପାଇଁ କହିଥିଲ । ତୁମେ କ'ଣ ଏବେ ଆକାଶରେ ଅଛ? ତୁମେ କ'ଣ ଆକାଶରେ ଉଡ଼ି ବୁଲୁଛ ? ତୁଳା ପରି, ପକ୍ଷୀ ପରି ? ତୁମେ ଏହି ଜଗତ ସଂସାର ଛାଡ଼ି ଆକାଶକୁ ଚାଲି ଯାଇଛ। ତୁମେ ଅସଲରେ ବଞ୍ଚି ଯାଇଛ ରୁଦ୍ର ! ଆଚ୍ଛା, ତୁମକୁ କ'ଣ ପକ୍ଷୀ ହୋଇ ଉଡ଼ି ଫେରି ଆସିବାକୁ ଇଚ୍ଛା ହୁଏ ନାହିଁ ? ତୁମର ସେହି ଇନ୍ଦିରା ରୋଡ଼ର ଘରକୁ, ପୁଣି ସେହି ନୀଳ ଖେତ, ଶାହବାଗ, ପରୀବାଗ, ଲାଲବାଗ ଚଷି ବୁଲିବାକୁ ? ଇଚ୍ଛା ତୁମର ହୁଏନାହିଁ, ଏକଥା ମୁଁ ଆଦୌ ବିଶ୍ୱାସ କରେ ନାହିଁ, ଠିକ ଇଚ୍ଛା ହୁଏ ତୁମର, କିନ୍ତୁ ପାର ନାହିଁ । ଅଥଚ ଏକଦା ତୁମର ଯାହା ଇଚ୍ଛା ତାହା କରୁଥିଲ। ଇଚ୍ଛା ହେଲେ ରାତିସାରା ନ ଶୋଇ ଗପ କରୁଥିଲ ଯେ କରୁଥିଲ । ଇଚ୍ଛା ହେଲେ ଦିନସାରା ବୁଲୁଥିଲ ଯେ ବୁଲୁଥିଲ। କିଏ ତୁମକୁ କ'ଣ ବାଧା ଦେଉଥିଲେ ? ଜୀବନ ତୁମର ହାତ ମୁଠାରେ ଥିଲା। ଜୀବନକୁ ନେଇ ଯେମିତି ଇଚ୍ଛା ଖେଳିଛ। ଭାବି ଦେଖିଲେ ମୋତେ ଅବାକ ଲାଗେ ଯେ ଜୀବନ ଏବେ ଆଉ ତୁମର ହାତ ମୁଠାରେ ନାହିଁ। ସେମାନେ ତୁମକୁ ଟ୍ରକ ଉପରେ ଲଦି ମିଠେଖାଲି ଠାରେ ମାଟି ତଳେ ରଖି ଆସିଲେ, ତୁମେ ପ୍ରତିବାଦ କରିପାରିଲ ନାହିଁ। ଆଚ୍ଛା, ତୁମର ଲାଲବାଗର ସେହି ପ୍ରେମିକାଙ୍କ ଖବର କ'ଣ, ଦୀର୍ଘବର୍ଷ ପ୍ରେମ କରିଥିଲ ତୁମର ଯେଉଁ 'ନେଲୀ ଖାଲା' ସହିତ ? ସେହି କାରଣରୁ ତୁମର ଦିସ୍ତା ଦିସ୍ତା ପ୍ରେମ କବିତା ଦେଖି ମୁଁ ଦିନେ ଭୀଷଣ କାନ୍ଦିଥିଲି । ତୁମେ ଆଉ କାହାକୁ ପ୍ରେମ କରୁଛ, ସେକଥା ମୁଁ ସହି ପାରୁ ନ ଥିଲି। କି ଅବୁଝା ବାଳିକା ଥିଲି ମୁଁ । ନୁହେଁ ? ଯେମିତି ମୋତେ ହିଁ କେବଳ ତୁମେ ଭଲ ପାଇବ। ଯେମିତି ଆମେ ଦୁଇଜଣ ଜନ୍ମଗ୍ରହଣ କରିଛୁ ଦୁଇଜଣଙ୍କ ପାଇଁ । ଯେଉଁଦିନ ଘରୁ ଟ୍ରକ ଡାଲାରେ ଲଦି ତୁମକୁ ନେଇଗଲେ, ମୋର ଶ୍ୱାସରୁଦ୍ଧ ହୋଇ ଆସୁଥିଲା । ଢାକା ସହରକୁ ମୋତେ ଏତେ ଫାଙ୍କା ଆଉ କେବେ ଲାଗି ନାହିଁ। ଛାତି ତଳେ ଏତେ ହାହାକାର ଆଉ କେବେ ଜାଣିନାହିଁ। ସେହିଦିନ ହିଁ ମୁଁ ଢାକା ସହର ଛାଡ଼ି ମୟନସିଂହ ଚାଲି ଯାଇଥିଲି। ମୋ ଘରେ ଥିବା ବାକ୍ସ ଭର୍ତ୍ତି ତୁମର ସବୁ ଚିଠି କାଢ଼ି ହାତରେ ଧରି କାନ୍ଦରେ ଫାଟି ପଡ଼ିଥିଲି । ଆମର ବିଚ୍ଛେଦ ଥିଲା ଚାରି ବର୍ଷର। ଏତେ ବର୍ଷ ପରେ ମଧ୍ୟ ତୁମେ କ'ଣ ସତରେ ମୋ ଛାତିର ଅତଳ ଗଭୀରରେ ରହିଥିଲ ! ସେଦିନ ମୁଁ ତାହା ଅନୁଭବ କରିପାରିଥିଲି । ମୋତେ ଏବେ ଭୀଷଣ ହସ ମାଡ଼େ ଦେଖି ଯେ, ଏବେ ତୁମର ଶହ ଶହ ବନ୍ଧୁ ବାହାରୁଛନ୍ତି । ସେମାନେ ସେତେବେଳେ କୋଉଠି ଥିଲେ ? ଯେତେବେଳେ ପଇସାର ଅଭାବରେ ତୁମେ କେବଳ ଗୋଟିଏ ସିଙ୍ଗଡ଼ା ଖାଇ ଦିନ କଟାଉଥିଲ ? ନ ହେଲା ବା ମୁଁ ସେତେବେଳେ ଆଉ ତୁମର ହୋଇ ରହି ନ ଥିଲି , ତୁମକୁ ଛାଡ଼ି ଚାଲି ଯାଇଥିଲି ବୋଲି । ଏଇ, ଏବେ ତୁମ ନାମରେ ଯେଉଁ ଶ୍ରଦ୍ଧାଞ୍ଜଳି ସଭା ସବୁ ହେଉଛି, ସେହିସବୁ ସଭାରେ ବୋଧହୁଏ ତୁମର ପରିଚିତା ଏକମାତ୍ର ମୁଁ ହିଁ ଅନୁପସ୍ଥିତ ଥାଏ। ଯେଉଁମାନେ ଏବେ ରୁଦ୍ର ରୁଦ୍ର ବୋଲି ମାତି ଉଠୁଛନ୍ତି, ବୁଝିପାରୁନାହିଁ ଯେ ସେମାନେ ସେତେବେଳେ କୋଉଠି ଥିଲେ ।

ଶେଷ ଆଡ଼କୁ ତୁମେ ଶିମୁଲ ନାଁ ରେ ଜଣେ ଝିଅକୁ ଭଲ ପାଉଥିଲ । ତା ' ସହିତ ତୁମର ବାହା ହେବାର କଥାବାର୍ତ୍ତା ବି ଚାଲିଥିଲା । ମୋ ଆଗରେ ଦିନେ ଶିମୁଲ କଥା ଗପିଥିଲ। ତୁମେ ବୁଝିପାରି ନ ଥିଲ ଯେ ସେକଥା ଶୁଣି ମୋତେ ଭୀଷଣ କଷ୍ଟ ହେଉଥିଲା । ଏକଥା ଭାବି ଯେ ତୁମେ କେତେ ଅନାୟାସରେ ପ୍ରେମ କରୁଛ ! ତା'ର ଗପ ଶୁଣାଉଛ । ଠିକ୍ ସେହିପରି ଅନୁଭବ କ'ଣ ତୁମର ଥିଲା ମୋ ପାଇଁ ? ଆଜି ଆଉ ଜଣକ ପାଇଁ ତୁମର ଅସ୍ଥିରତା । ତା' ସହିତ ନିର୍ଧୂମ୍ ରାତି କଟାଇବାର ଗପ ଶୁଣି ମୋତେ କ'ଣ କାନ୍ଦ ମାଡ଼ିବ ନାହିଁ, କୁହ ? ତୁମେ ଶିମୁଲକୁ ନେଇ କି କି କବିତା ଲେଖିଛ କେତେ ସହଜରେ ସେସବୁ ତୁମେ ମୋତେ ଶୁଣାଇଲ ! ମୋତେ ପୁଣି ପ୍ରଶ୍ନ କରିଥିଲ, କେମିତି ହୋଇଛି ବୋଲି । ମୁଁ କହିଥିଲି , ଖୁବ ସୁନ୍ଦର । ଶିମୁଲକୁ ମୁଁ କେବେ ଦେଖିନାହିଁ। ତୁମେ ଯେତେବେଳେ ମୋ ଆଗରେ ତା' କଥା କହୁଥିଲ ତୁମେ ତାକୁ ଭଲପାଅ ବୋଲି, ସେତେବେଳେ ମୁଁ ମୋର କଷ୍ଟ ତୁମକୁ ବୁଝିବାକୁ ଦେଇନାହିଁ । ତୁମକୁ ଛାଡ଼ି ଚାଲିଯାଇଛି ଠିକ୍ କିନ୍ତୁ ମୁଁ ଅନ୍ୟ କାହାକୁ ଭଲପାଇ ପାରିନାହିଁ । ଭଲପାଇବା ଯାହାକୁ ତାହାକୁ ବାଣ୍ଟିବା ଜିନିଷ ନୁହେଁ । ଆକାଶ ସହିତ ପ୍ରତିଦିନ କେତେ କଥା ହୁଏ । କଷ୍ଟର କଥା, ସୁଖର କଥା । ଦିନେ ଆକାଶଭର୍ତ୍ତି ଜ୍ୟୋସ୍ନାରେ ଦେହ ଭାସି ଯାଉଥିଲା ଆମର । ତୁମେ ତୁମର କିଛି ଦୁଃଖର କଥା କହି ସାରିବା ପରେ ନିଜ ଲେଖା କବିତା ଶୁଣାଇଥିଲ – ''ଭଲ ଅଛି, ଭଲ ଥାଅ , ଆକାଶର ଠିକଣାରେ ଚିଠି ଲେଖିବ ।'' ମଂଲାରେ ବସି ସେହି କବିତା ଲେଖିଥିଲ । ମନେ ମନେ ତୁମେ କାହାର ଚିଠି ପାଇଁ ଅପେକ୍ଷା କରିଥିଲ ?

ମୋର ? ନେଲୀ ଖାଲାର ? ଶିମୁଲର ? କାହାର ? ଅନେକ ଦିନ ଇଚ୍ଛା ହୋଇଛି ତୁମକୁ ଖଣ୍ଡେ ଚିଠି ଲେଖନ୍ତି । ଏମିତି ଗୋଟିଏ ସମୟ ଥିଲା ଯେତେବେଳେ ମୁଁ ତୁମକୁ ପ୍ରତିଦିନ ଚିଠି ଲେଖୁଥିଲି । ତୁମେ ବି ଲେଖୁଥିଲ ପ୍ରତିଦିନ । ସେଥର ଆରମାନିଟୋଲା ଘରେ ବସି ଦେଇଥିଲ ଆକାଶର ଠିକଣା । ତୁମେ ପାଇବ ତ ଏହି ଚିଠି ? ଜୀବନ ଏବଂ ଜଗତର ତୃଷ୍ଣା ତ ମଣିଷର କେବେ ମେଣ୍ଟେ ନାହିଁ, ତଥାପି ମଣିଷ ଆଉ କେତେଦିନ ବା ବଞ୍ଚି ରହେ, କୁହ ? ଦିନ ତ ସରିଯାଏ । ମୋର କ'ଣ ଦିନ ସରି ଆସୁନାହିଁ ? ତୁମେ ଭଲରେ ଥାଅ । ମୁଁ ଆଦୌ ଭଲ ନାହିଁ ।

**ଇତି । ସକାଳ**

ପୁନଶ୍ଚ ...... ମୋତେ ତୁମେ ସକାଳ ବୋଲି ଡାକୁଥିଲ । କେତେକାଳ ହେଲା ସେହି ଡାକ ଆଉ ଶୁଣି ନାହିଁ । ତୁମେ କ'ଣ ଆକାଶରୁ 'ସକାଳ' , 'ସକାଳ ମୋର' ବୋଲି ମଝିରେ ମଝିରେ ଡାକୁଛ ? କି ମୁଁ ଭୁଲ ଶୁଣୁଛି ?



**-ପ୍ରଦୀପ କୁମାର ରାୟ,**
ମୋ: ୯୪୩୭୫୩୪୭୭୩



ପ୍ରିୟଙ୍କା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଚିହ୍ନି ପାରୁଛ

ବସ୍‌ର ପଛ ସିଟ୍‌ରେ ବସିଥିବା ଜଣେ ଯୁବତୀକୁ ଦେଖି
ଯୁବକ ପଚାରିଲା: ତମେ ମୋତେ ଚିହ୍ନି ପାରୁଛ ? ଯୁବତୀ: ନା
ଯୁବକ: ଆମେ ଦୁଇଜଣ ଏକା କ୍ଲାସ୍‌ରେ ପଢୁଥିଲେ।
ଯୁବତୀ: ହଁ, ମୁଁ ତ ପଢୁଥିଲି ହେଲେ ତୁ ସବୁବେଳେ ମୁର୍ଗା ହେଉଥିଲୁ।

## ଏକ୍ସପାଏରି ଡେଟ୍

ଦୀର୍ଘ ଏକଘଣ୍ଟା ଧରି ପତିଙ୍କୁ ମ୍ୟାରେଜ୍ ସାର୍ଟିଫିକେଟ୍‌କୁ ଏପଟ ସେପଟ କରି ଦେଖୁଥିବାର ଦେଖି
ପତ୍ନୀ ପଚାରିଲେ: ତମେ ଏତେ ସମୟ ଧରି ସାର୍ଟିଫିକେଟ୍‌ରୁ କ'ଣ ଦେଖୁଛ।
ପତି: ଏକ୍ସପାଏରି ଡେଟ୍ ଖୋଜୁଛି, ହେଲେ ଏଥିରେ କେଉଁଠି ଲେଖା ହୋଇଛି ତାହା ଏପର୍ଯ୍ୟନ୍ତ ପାଇପାରୁନି।

## ଆଇ ଲଭ୍ ୟୁ

ମଣ୍ଟୁ ସ୍କୁଲ୍‌ର ଗୋଟେ ଝିଅକୁ ଆଇ ଲଭ୍ ୟୁ କହିଲା ପରେ
ଝିଅ କହିଲା: ରହ, ମୁଁ ଏବେ ଯାଇ ସାରଙ୍କୁ କହୁଛି।
ମଣ୍ଟୁ: ଆରେ ପାଗେଳୀ, ସାରଙ୍କୁ କିଛି କହନା, ତାଙ୍କର ପରା ବାହାଘର ହୋଇସାରିଲାଣି।






# ଐତିହାସିକ ପର୍ଯ୍ୟଟନସ୍ଥଳୀ
# ବାଡ଼ମେର୍

**ବାଡ଼ମେର୍ ହେଉଛି ରାଜସ୍ଥାନର ଏପରି ଏକ ସ୍ଥାନ; ଯେଉଁଠାରେ ପର୍ଯ୍ୟଟକ ଅନେକ ଐତିହାସିକ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବା ସହ ଇତିହାସ ସମ୍ବନ୍ଧୀୟ ବହୁ ତଥ୍ୟ ମଧ୍ୟ ପାଇପାରିବେ । ତା'ସହିତ ବହୁ ପୁରୁଣା ମନ୍ଦିର ବୁଲି ଦେଖିବାର ମଜା ମଧ୍ୟ ନେଇପାରିବେ...**

ପ୍ରକୃତପକ୍ଷେ ରାଜସ୍ଥାନର ଏକ ଜିଲା ହେଉଛି ବାଡ଼ମେର୍। ଏହା ରାଜସ୍ଥାନର ପଶ୍ଚିମ ଭାଗରେ ଅବସ୍ଥିତ ହୋଇଥିବାରୁ ଥର୍ ମରୁଭୂମିର କିଛି ଭାଗ ଏହି ଅଞ୍ଚଳରେ ଆସିଥାଏ ବୋଲି ସୂଚନା ରହିଛି। ତେବେ ଏହା ହେଉଛି ସ୍ଥାନୀୟ ଏକ ଐତିହାସିକ ଅଞ୍ଚଳ, ଯେଉଁଠାରେ ପର୍ଯ୍ୟଟକ ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଜାଣିପାରିବେ। ତା'ସହିତ ଏଠାରେ ଥିବା ବହୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବୁଲିବାର ମଧ୍ୟ ଆନନ୍ଦ ଲଭିପାରିବେ।

### କ'ଣ ଦେଖିବେ


ବାଡ଼ମେର୍ ନିଜର ଏକାଧିକ ଐତିହାସିକ ସ୍ମାରକୀ ତଥା ମନ୍ଦିର ପାଇଁ ବେଶ୍ ପ୍ରସିଦ୍ଧିଲାଭ କରିପାରିଛି। ଖାସ୍‌କରି ଦେବୀ ଜଗଦମ୍ବାଙ୍କର ମନ୍ଦିର ହେଉଛି ଏଠାକାର ଏକ ଲୋକପ୍ରିୟ ମନ୍ଦିର; ଯାହାକି ପ୍ରାୟ ୫୦୦ ବର୍ଷ ତଳର ବୋଲି ସୂଚନା ରହିଛି। ଏହି ମନ୍ଦିରଟି ସମତଳ ଭୂମିଠାରୁ ପ୍ରାୟ ୧୪୦ ମିଟର ଉଚ୍ଚରେ ଅବସ୍ଥିତ। ସେଥିପାଇଁ ଏଠାକାର ପ୍ରାକୃତିକ ଦୃଶ୍ୟ ଖୁବ୍ ମନୋରମ । ସେହିପରି କିରାଡୁ ମନ୍ଦିର ହେଉଛି ଏଠାକାର ଅନ୍ୟତମ ଆକର୍ଷଣ। ଖାସ୍‌କରି ସୋଲଙ୍କି ଶୈଳୀରେ ନିର୍ମିତ ଏହି ମନ୍ଦିରଟିର ଆକର୍ଷଣୀୟ ବାସ୍ତୁକଳା ବେଶ୍ ମନୋମୁଗ୍ଧକର ହୋଇଥାଏ। ଭଗବାନ୍ ଶିବଙ୍କୁ ସମର୍ପିତ ଏହି ମନ୍ଦିରରେ ଅନ୍ୟ ଦେବଦେବୀଙ୍କର ବି ପ୍ରତିମା ଦେଖିବାକୁ ମିଳେ। ବାଡ଼ମେର୍ ଦୁର୍ଗ ମଧ୍ୟ ହେଉଛି ଏଠାକାର ଆଉ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଏହି ଦୁର୍ଗଟିର ମୁଖ୍ୟ ଆକର୍ଷଣ ହେଉଛି ଏହାକୁ ଚତୁର୍ଦ୍ଦିଗରୁ ଘେରି ରହିଥିବା ମନ୍ଦିରଗୁଡ଼ିକର ଅପୂର୍ବ ବାସ୍ତୁକଳା। ଏସବୁ ବ୍ୟତୀତ ଗଡ଼ ମନ୍ଦିର, ଶ୍ରୀ ନାକୋଡ଼ା ଜୈନ ମନ୍ଦିର, ଦେବ ସୂର୍ଯ୍ୟ ମନ୍ଦିର, ବିଷ୍ଣୁ ମନ୍ଦିର, ରାନୀ ଭଟିୟାନି ମନ୍ଦିର, ଜୁନା ଦୁର୍ଗ ଓ ମନ୍ଦିର, ଚିନ୍ତାମଣି ପାରସନାଥ ଜୈନ ମନ୍ଦିର, ସଫେଦ୍ ଅଖାଡ଼ା ଇତ୍ୟାଦି ହେଉଛି ବାଡ଼ମେର୍‌ର ଆଉ କେତୋଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ।

### ମେଳା ଓ ପର୍ବପର୍ବାଣି

ବାଡ଼ମେର୍‌ର ସଂସ୍କୃତି ଏପରି ଯେ, ଏଠାରେ ବର୍ଷକ ବାରମାସ କିଛି ନା କିଛି ମେଳା, ମହୋତ୍ସବ ତଥା ପର୍ବପର୍ବାଣିର ଆୟୋଜନ ହେଉଥିବ। ଏଠାକାର ଲୋକ ବି ନିଜର ସଂସ୍କୃତିକୁ ନେଇ ବେଶ୍ ଗର୍ବ ଅନୁଭବ କରିଥାନ୍ତି; ଯେଉଁଥିପାଇଁ ସେମାନେ ଉତ୍ସାହ ସହକାରେ ସବୁ ପର୍ବପର୍ବାଣିକୁ ପାଳନ କରନ୍ତି। ତେବେ ମଲ୍ଲିନାଥ ପଶୁ ମେଳା, ବାଡ଼ମେର୍ ମହୋତ୍ସବ ହେଉଛି ଏଠାକାର ଦୁଇ ପ୍ରମୁଖ ଆକର୍ଷଣ।

### କେବେ ଓ କେମିତି ଯିବେ

ରାଜସ୍ଥାନର ଏହି ଆକର୍ଷଣୀୟ ସ୍ଥାନକୁ ବୁଲି ଦେଖିବା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ହେଉଛି ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ଯେହେତୁ ଏହା ମରୁଭୂମି କ୍ଷେତ୍ର ଅନ୍ତର୍ଭୁକ୍ତ, ତେଣୁ ଖରାଦିନେ ଏଠାରେ ଭୀଷଣ ଗରମ ଅନୁଭବ ହୁଏ। ସେହିପରି ବର୍ଷାଦିନେ ବି ଏଠାରେ ବୁଲାବୁଲି କରିବାକୁ ସେତେ ସୁବିଧା ହୁଏ ନାହିଁ। ତେଣୁ ଶୀତଦିନେ ଏଠାକୁ ବୁଲିଯିବା ସର୍ବୋତ୍ତମ। ତେବେ ଧ୍ୟାନ ଦେବେ ଶୀତଦିନେ ଏଠାକୁ ବୁଲିଗଲା ବେଳେ ସାଙ୍ଗରେ ଶୀତବସ୍ତ୍ର ଓ ଭଲ କ୍ୱାଲିଟିର ଜୋତା ନେବାକୁ ଆଦୌ ଭୁଲିବେ ନାହିଁ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ସୁବ୍ୟବସ୍ଥା ରହିଛି। ଯୋଧପୁର ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ମୁଖ୍ୟ ବିମାନବନ୍ଦର। ସେହିପରି ଯୋଧପୁର ରେଲୱେଷ୍ଟେଶନ ହେଉଛି ବାଡ଼ମେର୍‌ର ନିକଟତମ ତଥା ପ୍ରମୁଖ ରେଳଷ୍ଟେଶନ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେମାନେ ସେଥିରେ ଆରାମରେ ଯାଇ ବାଡ଼ମେର୍‌ରେ ପହଞ୍ଚିପାରିବେ।



# କଦଳୀର ଆକାର ବଙ୍କା କାହିଁକି





**କଦଳୀ ଏମିତି ଏକ ଫଳ, ଯାହା ପ୍ରାୟ ସମସ୍ତଙ୍କର ପ୍ରିୟ। ଶରୀର ପାଇଁ ବେଶ ଉପକାରୀ। ଆଉ ଏହା ସହଜରେ ବଜାରରେ ଉପଲବ୍ଧ ବି ହୁଏ। ତେବେ ଜାଣନ୍ତି କି ଏହାର ଆକାର ସବୁବେଳେ ବଙ୍କା ହୋଇଥାଏ, ସିଧା କାହିଁକି ନୁହେଁ? ଜାଣନ୍ତୁ ସେ ସମ୍ପର୍କରେ...**


କଦଳୀ ବଢିବା ସମୟରେ ଏକ ପ୍ରକ୍ରିୟା ଦେଇ ଗତି କରେ। ଯାହାକୁ ନେଗେଟିଭ ଜିଓଟ୍ରୋପିଜମ୍ କୁହାଯାଏ। ସହଜ ଭାଷାରେ କହିବାକୁ ଗଲେ ମାଧ୍ୟାକର୍ଷଣ ଶକ୍ତି ବିପରୀତରେ ବୃକ୍ଷର ସୂର୍ଯ୍ୟ ଆଡକୁ ବଢିବାର ପ୍ରବୃତ୍ତି ହେଉଛି ନେଗେଟିଭ ଜିଓଟ୍ରୋପିଜମ୍। କଦଳୀ ଗଛରେ କଦଳୀ କାନ୍ଧୀ ଓଲଟା ରହିଥାଏ। ଏହାର ତଳ ଭାଗ ଉପର ଆଡ଼କୁ ଥାଏ। ପ୍ରଥମେ ତ କଦଳୀ ଭୂମି ଆଡକୁ ହିଁ ବଢିଥାଏ। କଦଳୀ କାନ୍ଧୀ ଯେତେଯେତେ ବଡ଼ ହୁଏ ତାହା ଲମ୍ବା ହେବାକୁ ଲାଗେ। ଆଉ ଏହାର ତଳଭାଗକୁ ସୂର୍ଯ୍ୟ କିରଣ ପଡ଼ିବା କମିଯାଏ। ସୂର୍ଯ୍ୟ କିରଣର ଆବଶ୍ୟକତା ଯୋଗୁ ଧୀରେ ଧୀରେ କଦଳୀ ମୋଡି ହୋଇ ଉପର ଆଡକୁ ଅର୍ଥାତ୍ ସୂର୍ଯ୍ୟକୁ ମୁହଁ କରିବା ଆରମ୍ଭ କରେ। ଅର୍ଥାତ୍ ନେଗେଟିଭ ଜିଓଟ୍ରୋପିଜମ୍ ପ୍ରବୃତ୍ତି କାରଣରୁ ଏହା ଭୂମି ଆଡ଼କୁ ବଢିବା ପରିବର୍ତ୍ତେ ସୂର୍ଯ୍ୟ ଆଡକୁ ମୁହଁ କରି ବଢିବାକୁ ପ୍ରୟାସ କରେ। ମାଧ୍ୟାକର୍ଷଣ ଶକ୍ତିର ବିପରୀତ ଉପର ଆଡକୁ ବଢିବା ଯୋଗୁ କଦଳୀ ବଙ୍କା ହୋଇଯାଏ। ଏହାବାଦ କଦଳୀରେ ଅକ୍ସିନ ନାମକ ଏକ ପ୍ଲାଣ୍ଟ ହରମୋନ ଥାଏ। ଯାହା ନିଶ୍ଚିତ କରେ ଯେ, ଗଛ ସୂର୍ଯ୍ୟ କିରଣ ଆଡ଼କୁ କିଭଳି ପ୍ରତିକ୍ରିୟା ଦେବ। ଏହି ହରମୋନ ହିଁ କଦଳୀ ଗୁଡିକୁ ସୂର୍ଯ୍ୟ ମୁହାଁ ହେବାକୁ ପ୍ରବର୍ତ୍ତାଇଥାଏ। ତେଣୁ କଦଳୀ ଧୀରେ ଧୀରେ ସୂର୍ଯ୍ୟ ମୁହାଁ ହେବାକୁ ପ୍ରୟାସ କରି ବଙ୍କା ହୋଇଯାଏ।





# ଟ୍ରାଇପଡ଼ ଫିଶ୍

ଭୂମିଠାରୁ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ କ୍ୟାମେରାକୁ ସ୍ଥିର ରଖି ସୁଟିଂ କରିବା ଲାଗି ଟ୍ରାଇପଡ଼ ଷ୍ଟାଣ୍ଡ ବ୍ୟବହାର କରାଯାଏ। ତେବେ ଜାଣନ୍ତି କି ଏମିତି ବି ଏକ ମାଛ ଅଛି ଯାହାର ଶରୀରରେ ପ୍ରକୃତି ପ୍ରଦତ୍ତ ଟ୍ରାଇପଡ଼ ଷ୍ଟାଣ୍ଡ ଅଛି। ଆଉ ସେ ନିଜର ସେହି ଟ୍ରାଇପଡ଼ ଷ୍ଟାଣ୍ଡକୁ ବ୍ୟବହାର କରି ଗଭିର ସମୁଦ୍ର ଭିତରେ ଠିଆ ହୋଇପାରେ। ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ ଯେ, ଏକ ମାଛ ଠିଆ ହୋଇପାରେ। ଉକ୍ତ ମାଛର ନାଁ ହେଉଛି 'ଟ୍ରାଇପଡ ଫିଶ'। ପ୍ରକୃତ କଥା ହେଲା ଏହି ମାଛର ଡେଣାଗୁଡିକ ବେଶ୍ ଲମ୍ବା ଲମ୍ବା। ଅର୍ଥାତ୍ ପ୍ରାୟ ୧ ମିଟର ଲମ୍ବା। ଏହି ଡେଣାଗୁଡିକ ତରଳ ପଦାର୍ଥରେ ଭରି ରହିଥାଏ। ଆଉ ଏହା ଉପରେ ପେକ୍ଟୋରାଲ ଥାଏ। ଯାହା ସାହାଯ୍ୟରେ ମାଛଟି ମିଡନାଇଟ୍ ଜୋନ୍ ବା ଯେଉଁଠି ସୂର୍ଯ୍ୟାଲୋକ ପହଞ୍ଚିପାରେନା ସେଠାରେ ବି ସମ୍ବେଦନଶୀଳ ସୂଚନା ପାଇପାରେ। ଉକ୍ତ ମାଛର ଅନ୍ୟ ନାମ ହେଉଛି ଏବିସର ସ୍ପାଇଡର ଫିଶ୍। ଆଟଲାଣ୍ଟିକ ମହାସାଗର, ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରରେ ଏହା ଦେଖିବାକୁ ମିଳେ।





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଫରୱାର୍ଡ଼ ପ୍ରେମ...



ଶ୍ରମିକଭାବେ କାମ କରୁକରୁ ଅବାଗିଆ ଜାଗାରେ ଫସିଥିବା ଅନେକ ବ୍ୟକ୍ତି ବହୁଶ୍ରମ ପରେ ଉଦ୍ଧାର ହେବା ଖବର ସାରା ଦୁନିଆରେ ଚହଳ ପକାଇଥିଲା। ସମସ୍ତେ ଆନନ୍ଦରେ ଉଚ୍ଛୁଳିପଡିଲେ। କିଏ କହିଲେ... ଭଗବାନ୍‌ଙ୍କ ଦୟା ତ କିଏ କହିଲେ ଆମ ନେତାଙ୍କ କମାଲ। ପୁଣି କିଏ ପ୍ରଶଂସାକଲେ ମେଶିନକୁ ତ କିଏ ଆମ ବୀର ସୈନିକଙ୍କୁ ଧନ୍ୟବାଦ ଦେଲେ। ବିଳମ୍ବରେ ପଛେ ହେଉ, କାମରେ ତ ସଫଳତା ମିଳିଲା ! ଅନ୍ଧାରି ମୂଳକରୁ ବାହାରିବା ପରେ, ମିଡିଆବାଲାଏ ଧାଡ଼ିରେ ମାଡିଆଇଲେ ତାଙ୍କଠୁ ଅନୁଭୂତି ଶୁଣି ଟିଭି, କାଗଜରେ ପ୍ରଚାର କରିବାପାଇଁ। ଜଣ ଜଣଙ୍କୁ ଭିଡିଆଣି... ସାର୍, ମହାଶୟ, ପ୍ରିୟ ବନ୍ଧୁ, ବଡ଼ଭାଇ ଇତ୍ୟାଦି ସୁନ୍ଦର ସୁମଧୁର ସମ୍ବୋଧନରେ ଡାକି, କ୍ୟାମେରା ଆଗରେ ବାଇଟ ଦେବାକୁ ଅନୁରୋଧକରି ନାମ ସହିତ ପରିଚୟ ଦେବାକୁ କହୁଥିଲାବେଳେ, କାଳିଆ ବୁମ୍‌କୁ ପାଟି ପାଖରେ ଲଗେଇ କହିବାକୁ କହିଲାବେଳେ, ଆଗରୁ ଏତେ ଭଦ୍ରାମିଆ ସମ୍ବୋଧନ ଶୁଣି ନ ଥିବା ଶ୍ରମିକ ନିଜକୁ ଧନ୍ୟ ମଣୁଥାନ୍ତି। ଏଥିରେ ସମସ୍ତ ଦେଶବାସୀ, ବନ୍ଧୁ ପ୍ରିୟଜନ ଯେତେ ଯେତେ ଖୁସି ହେଉଥାନ୍ତି, ମନୁଆ ମନ ସେତିକି ଦୁଃଖିତ ହୋଇ ମୁହଁ ତା'ର ଶୁଖିଯାଉଥାଏ। ସିଏ ଯେତେ ମନାକରି ଗାମୁଛାରେ ମୁହଁ ଲୁଚେଇ, ମତେ କିଛି ପଚାରନି କହି ପଛକୁ ଓିଆହେଲେ ବି, ତାକୁ କିଏ କିଏ ଭିଡ଼ିଆଣି ବାଧକରୁଥାନ୍ତି କହିବାକୁ। ସତେଯେମିତି ପୋଲିସ ବାବୁ ଚୋରକୁ ଜେରାକରି ପଚାରିଲା ବାଗିଆ । ମନୁଆର ମନଦୁଃଖ ଦେଖି, କିଏ କହୁଥାଏ ବାବୁଙ୍କର ଘରକଥା ମନେପଡୁଛି ତ କିଏ କହୁଥାନ୍ତି ସାର୍‌ଙ୍କୁ ପ୍ରବଳ ଭୋକ । ମନୁଆ ମୁହଁକୁ ତଳକୁ ଝୁଲେଇ ଧନ୍ୟବାଦ କହିଲା ବେଳକୁ କୁଆଡୁ ଦଳେ ସୁନ୍ଦରୀ ମହିଳା ସାମ୍ବାଦିକା ଧାଇଁଆସି ଗେହ୍ଲେଇ ତେଲେଇ ଦି ହାତରେ ତା ମୁହଁକୁ ଟେକି ପଚାରିଲେ... ଆଉ କିଆଁ ମନଦୁଃଖ ? ବିପଦ ତ ଟଳିଗଲା... ଏଥର ଆପଣଙ୍କ ଅନୁଭୂତି କ୍ୟାମେରାକୁ ଅନେଇ ଟିକେ କୁହ ଭଲା ! ମନୁଆ କିନ୍ତୁ ଏତେ ସ୍ନେହ ଆଦର କଥାରେ ଖୁସି କ'ଣ ହେବ ବରଂ ବେଶି ରାଗି ପାଟି ଉଚ୍ଛନ୍ନ। ଭାବୁଥାଏ ଧେତ୍, ମଣିଷ ତା' ଭିତରେ ମରିଯାଇଥିଲେ ଭଲହୋଇଥାନ୍ତା। କହିଲା ଆଜ୍ଞା ! କାହିଁକି ମୋ ପରିଚୟ ପଚାରି ମତେ କଲବଲ କରୁଛ ? ସେଇ ଏକା ଉତ୍ତର ପଚାଶଥର ଦେଇ ଦେଇ ହାଲିଆ ।

ଏଇ ଅନାମଧେୟ କାଳିର ଅପରିଚିତ ମୂଲିଆର ମୂଲ୍ୟ ହଠାତ୍ ଏତେ ବଢିଗଲା ଯେ, ତାଙ୍କୁ ପାଛୋଟିନେବାକୁ ସରକାର ଗାଡ଼ିପଠେଇ କେତେ ଧୋବଧାଉଳିଆ ବାବୁଙ୍କ ହାତରେ ଗେଣ୍ଡୁମାଳ ଧରେଇ ପ୍ରଚଣ୍ଡ ଶବଦରେ ବାଜା ବଜେଇ ସମ୍ବର୍ଦ୍ଧନାର ଆୟୋଜନ କରିଛନ୍ତି ! ଢୋଲିଆ ଢୋଲ ପିଟିକି ପିଟି ସିନା ପଇସା ନେବ, ହେଲେ ତା' ଛାତିରେ ଲାଗିଥିବା ଆଘାତକୁ କିଏ ଲିଭେଇବ ?

ଶେଷକୁ ଢେର ବିଳମ୍ବରେ ତା' ଗାଁ ମୁଣ୍ଡରେ ପହଞ୍ଚିଲା ଗାଡ଼ିରେ ମନୁଆ । ସେଇଠି ରୁଣ୍ଡହୋଇଥିଲେ ସରପଞ୍ଚ, ୱାର୍ଡମେମ୍ବର, ସମିତିସଭ୍ୟା, ସାହି ପଡ଼ୋଶୀଏ, ସାଙ୍ଗ -ସାଥୀଗଣ । କିଏ ଗୋଟେ ବଡ଼ପାଟିରେ କହିଲା.. ଆରେ ହେଇରେ ! ଆମ ମନୁଆ ଅଇଲାରେ । ମନୁଆ ମନେମନେ ଗାଳିକରି କହୁଥାଏ ତମେ ମୋ ସନମାନ ସମ୍ବର୍ଦ୍ଧନା ପାଇଁ ଆଇଛ ନା ସମସ୍ତେ ମିଶି ମତେ ଖାଉଛ !ମୁରବୀ ମୁରଲୀ ମଉସା କହିଲେ ହେ ପିଲେ ! ଶଙ୍ଖ ଫୁଙ୍କ, ଝାଞ୍ଜ ମୃଦଙ୍ଗ ବଜାଅ, ବାଣ ଫୁଟାଅ.. ହରିବୋଲ ହୁଳହୁଳି ଦିଅ ରେ... ! ଏଇ ଉଚ୍ଚ ଶବଦରେ ଏରିଆ କମ୍ପିଲାବେଳକୁ ମନୁଆ ଛାତି ଭିତରେ କିଏ ଯେମିତି ହାତୁଡ଼ି ପିଟି ତା' ଫଟା ହୃଦୟକୁ କମ୍ପେଇ ବିଦାରିପକେଇଲା ଭଳିଆ ଲାଗୁଥିଲା । ହୁଳହୁଳି ଶବଦ ଶୁଣି ସେ ହୁରୁଡ଼ା ବଳଦ ବାଗିଆ ସେଠୁ ପଳେଇବାକୁ ଚାହୁଁଥିଲା । ଟିଭି, ସୋସିଆଲ ମିଡିଆରେ ତା' ପରିଚୟ ଯେତିକି ପ୍ରଚାରିତ ହେଉଥାଏ, ତା' ଭିତରେ ବାହାର ଭବିଷ୍ୟତ ଯେମିତି ଜାଳିପୋଡି ଗଲାପରି ଲାଗୁଥାଏ। ତା' ମନଦୁଃଖ, ଲୁହଭିଜା ଆଖିଦେଖି ସାଙ୍ଗମାନେ କହିଲେ, ମନୁଆ ତୁ ମନଦୁଃଖ କରନା । ଆମେ ତୋ ସାଥିରେ ଅଛୁ । ତୋ ଫଟୋସହ ତୁ ଯେତିକି ଭାଇରାଲ ହେଲୁଣି, ଆଗକୁ ନେତା ହୋଇ ଟିକଟ ପାଇ ଜିତି ମନ୍ତ୍ରୀହେବୁ... ଆମକୁ ଲାଗିଲାଣି। ମନୁଆ ଭାବୁଥାଏ ହୁଁ, ତମେସବୁ ମିଶିକି ମୋ ଇଜ୍ଜତ ନିଲାମକରି ମୋତେ ଖଣ୍ଡ ଖଣ୍ଡ କାଟି ଖାଇସାରିଲଣି । ଯମ ଆସିକି ଏଇଠୁ ମତେ ନେଇଯାଆନ୍ତା କି ! ନା, ଏଇ ନିଷ୍ଠୁରିଆ ନରଙ୍କୁ ଡରି ଯମ ବି ମତେ ନେବାକୁ ଡରିଯିବଣି ! ଘରେ ପହଂଚିବା ପରେ ଘେରିଗଲେ.. ମା, ବୁଢ଼ୀ ମା, ପିଉସୀ ଖୁଡ଼ୀ ଓଗେର। କିଏ ତା ମୁହଁଦେଖି ନାକରେ କାନ୍ଦିଲେ ତ କିଏ ପଣତ କାନିରେ ମୁହଁ ପୋଛି ପକେଇଲେ। କ'ଣ ପାଇଁ ମନ ଶୁଖେଇଛୁ ପଚାରିଲେ। ଜେଜେ ମା' କହିଲେ.. ତୁ କ'ଣ ଖାଇବୁ କହିଲୁ ଧନ ! ରାଗରେ ସମସ୍ତଙ୍କୁ ଠେଲି କହିଲା ଛେନା ଗୁଡ଼ ! ଫଁ ଫଁ ହେଇ ଦୌଡ଼ି ପଳେଇଲା ଗାଁ ଆରମୁଣ୍ଡ ଗଡିଆ ଆଡ଼କୁ। ଏକାକୀ ବସିଲା ପାଖ ବରଗଛ ଛାଇରେ ଲୁଚି । ଆଖିରୁ ଲୁହ ପୋଛି ଭାବିଲା କାହିଁକି ମୋ ଭାଗ୍ୟ ମୋ ସହ ଏମିତି ଖେଳ ଖେଳିଲା ?

ଘରେ ସମସ୍ତଙ୍କ ଭାଳେଣି କ'ଣ ପାଇଁ ମନୁଆ ଏମିତି ରାଗୁଛି? ପିଉେଇ ଖୁଡ଼ୀ କହିଲେ ମୁଁ ଜାଣିଛି । ସେ ପରା ନ ଖାଇ ନ ପିଇ, ତା' ପେଟ ଗରମ ହୋଇ ମୁଣ୍ଡକୁ ପିତ୍ତ ଉଠିଯାଇଛି । ତାକୁ ପିତା ଶୁଖୁଆ ପଖାଳ ବେଲାଏ ଖୁଆଇଦେଲେ ମୁଣ୍ଡ ଥଣ୍ଡାହୋଇ ତୁଣ୍ଡରୁ ମଧୁର ବଚନ ବାହାରିବ। ତା' ଉପରେ ଦଦା ବିଗିଡ଼ିଲା ବେଳକୁ, ମନୁଆ ସାଙ୍ଗ ଧନୁ ପହଞ୍ଚି ସବୁଶୁଣି ଧାଇଁଗଲା ଗାଁ ମୁଣ୍ଡକୁ। ଡାକପକେଇଲା ମନୁଆରେ... ମୁଁ ତୋ ସାଙ୍ଗ ଧନୁ ଆଇଚି, କୋଉଠି ତୁ? ବରଗଛ ପଛରୁ ମୁହଁ କାଢ଼ି ଡାକିଲା ଧନୁକୁ । କିଛି ସମୟ ଉଭୟେ କାନ୍ଦି ପରସ୍ପରକୁ କୁଣ୍ଢେଇ ଧରିଲା ପରେ ଟିକେ ଶାନ୍ତ ହେବାରୁ ଧନୁ ତା' ମୁଣ୍ଡ ଛୁଆଇଁ ରାଣ ପକେଇ ପଚାରିଲା -ସତ କହ କ'ଣ ତୋର ହୋଇଛି ? ମନୁଆ କହିଲା କ'ଣ ଆଉ ଅଛି ଯେ କହିବି ? ମୋ ସୁନାର ଫସଲ କିଆରିରେ ନିଆଁ ଲାଗିଗଲା। କେହି ମୋ ମନକଥା ବୁଝିଲେନି। ଧନୁ କହିଲା -ଆରେ କଥାଟା ଖୋଲିକି କହ ! ମନୁଆ କହିଲା ତୁ ତ ଜାଣିଛୁ, ମୁଁ ମୋ ମାମୁଘର ଗାଁର ରୁପାକୁ ଭଲପାଏ ବୋଲି । ସିଏ କଥା ଦେଇଥିଲା ମଥା ଦେଖେଇବ ସିନ୍ଦୂର ଲଗେଇ, ହାତ ବଢ଼େଇ ମୋ ହାତରୁ ଶଙ୍ଖା ପିନ୍ଧିବ, ଯେତେବେଳେ ମୁଁ ଭଲ ରୋଜଗାର କରି ସମ୍ମାନର ସହ ସମାଜରେ ଛିଡ଼ାହେବି । ତା' କଥାରେ ଏଠି ବେକାରି ଖାତାରୁ ନାଁ କାଟି ବାହାର ରାଇଜକୁ ଗଲି । ମାଟ୍ରିକ ପଢୁଆ ମତେ କିଏବା ଚାକିରି ଦେବ ? ବାଧରେ ମୂଲିଆ କାମକରି, ତାକୁ ମିଛରେ କହିଲି ଗୋଟେ କମ୍ପାନୀରେ ସୁପରଭାଇଜର ଅଛି -୩୦ ହଜାର ଦରମା ପାଉଛି ବୋଲି । ଭାବିଥିଲି ଟଙ୍କା ସଞ୍ଚି ବାହାହୋଇଗଲେ ସତକହିବି । ତାକୁ ଛାଡ଼ି ବାହାରକୁ ନ ଯାଇ ଗାଁରେ ଦୋକାନ ଖୋଲିବି । ହେଲେ ଏ ମିଡିଆ, ସୋସିଆଲ ମିଡିଆ ମୋ ଫଟୋ-ଅସଲ ପରିଚୟ ଭାଇରାଲ କରିଦେବାରୁ ରୁପା ମୋ ଅସଲ ରୂପ ଜାଣି ଘୃଣା କଲାଣି । ମିଛୁଆ, ଧୋକ୍କାବାଜ ଉପାଧିରେ ଭୂଷିତ କଲାଣି । ମୋଠୁ ଦୂରେଇଯିବାକୁ କହିଲାଣି । କହ ସାଙ୍ଗ ! ତା' ବିନା ମୁଁ କେମିତି ବଞ୍ଚିବି ? ଦେଶ ରାଇଜ ଠୁ ଗାଁଯାଏ ମିଳୁଥିବା ସନମାନ ନୁହଁ, ବରଂ ମୋ ପାଇଁ ଘୋର ଅପମାନ । ଭାବୁଛି ମରିଯିବି ।

ଧନୁ କହିଲା, ହେଃ, ଇଏ ଗୋଟେ କଥାନା ? ମୋ ପାଖେ ଉପାୟ ଅଛି । ଯାଉଛି ଦୁଇଟା ମିଡିଆବାଲାଙ୍କୁ ଡାକିବି। ତୁ ସେମାନଙ୍କୁ କହିବୁ ପ୍ରକୃତରେ ଶ୍ରମିକ ନୁହେଁ ସୁପରଭାଇଜର ।ବାସ୍, ସେତିକିବେଳେ ଆମେ ସାଙ୍ଗମାନେ ଭିଡିଓକରି ସବୁ ସୋସିଆଲ ମିଡିଆ, ୟୁ ଟ୍ୟୁବ୍‌ରେ ଛାଡ଼ି ଏମିତି ଭାଇରାଲ କରି ରୁପା ପାଖକୁ ଲିଙ୍କ୍ ପଠେଇଦେଲେ ଖାଲି ରୁପା କ'ଣ ତା'ଠୁ ଆହୁରି ସୁନ୍ଦରୀ ସୁନା, ହୀରା, ମୋତି, ମାଣିକମାନେ କିଏମିତି ଲାଇନ ଲଗେଇବେ ଯେ ରୁପା ପରା ତା' ବାପାକୁ କହି ତୁରନ୍ତ ବରଣମାଳା ଯୋଗାଡ଼ିବ !

ଏତେଦିନ ପରେ ଏଇ କଥା ଶୁଣି -ମନୁଆ ମନ ଆନନ୍ଦରେ କୁରୁଳି ଉଠିଲା... !


-ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୪୭

## ପୁସ୍ତକ ସମୀକ୍ଷା

### ମୁଠି ଚାଉଳ

**ଅମ୍ବିକା ସ୍ୱାଇଁ, ପ୍ରକାଶକ-କୋଠଘର, ଭୁବନେଶ୍ୱର**
**ମୂଲ୍ୟ-୧୬୦ ଟଙ୍କା ।**

ମୁଠି ଚାଉଳ ଅମ୍ବିକା ସ୍ୱାଇଁଙ୍କ ଗଳ୍ପ ପୁସ୍ତକ। ଏଥିରେ ୨୮ଟି ଗପ ରହିଛି। ଗଳ୍ପଗୁଡିକ ମଧ୍ୟବିତ୍ତ ପରିବାରର ଚାଲିଚଳନ, କଥାବାର୍ତ୍ତା, ବ୍ୟବହାର ଓ ପ୍ରଚଳିତ ନିୟମ ତଥା ପରମ୍ପରାକୁ ନେଇ ଲିଖିତ । କେତେକ ଗଳ୍ପ ମଧ୍ୟରେ ଘଟଣା ଓ ଦୁର୍ଘଟଣାକୁ ନେଇ କାହାଣୀକୁ ସଜା ଯାଇଛି। ଲେଖିକା ମଧ୍ୟବିତ୍ତ ପରିବାରକୁ ଭଲ ଭାବେ ଅନୁଧ୍ୟାନ କରିଛନ୍ତି। ସତ୍ୟତା, ସଚ୍ଚୋଟତା, ନୀତି,




ଆଦର୍ଶ ଓ କର୍ତ୍ତବ୍ୟ ପରାୟଣତାର ମୂଲ୍ୟ ଓ ସମ୍ମାନ ରହିଛି। ଗଳ୍ପଗୁଡିକ ମୂଲ୍ୟ ଓ ଭାବଧାରା ଦୃଷ୍ଟିରୁ ବେଶ୍ ଉଚ୍ଚକୋଟିର। ଏଥିରୁ ଗୋଟିଏ ଉଦାହରଣ ନିଆଯାଇ ପାରେ। ବୁଢାପା ଗପଟି ପଢିଲେ ଜାଣିହେବ । ଅନ୍ୟାନ୍ୟ ଗପଗୁଡ଼ିକ ମଧ୍ୟ ବେଶ୍ ସୁଖପାଠ୍ୟ। ପୁସ୍ତକଟି ନିଶ୍ଚୟ ପାଠକଙ୍କୁ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ।

### ଛାୟାବଳୟ

**ଭାନୁମତୀ ସାହୁ, ଜ୍ଞାନଯୁଗ ପବ୍ଲିକେଶନ**
**ଭୁବନେଶ୍ୱର, ମୂଲ୍ୟ- ୧୮୦ଟଙ୍କା**

ଛାୟାବଳୟ ଭାନୁମତୀ ସାହୁଙ୍କ ଗଳ୍ପ ସଂକଳନ। ଏଥିରେ ୧୮ଟି ଗପ ପ୍ରକାଶିତ ହୋଇଛି। ପାରିବାରିକ ଘଟଣାକୁ ନେଇ ଛାୟାବଳୟର ବିଷୟବସ୍ତୁ। ସୁବ୍ରତ ଆଉ କୃଷ୍ଣା ଚରିତ୍ରକୁ ଲେଖିକା ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି । କୃଷ୍ଣାଙ୍କର ଦେହାନ୍ତ ପରେ ସୁବ୍ରତଙ୍କର ବହୁତ ମନେ ପଡୁଛନ୍ତି। ଗୁଆ ଘିଅରେ ତିଆରି



ହାଲୁଆ ଖାଇବାକୁ କିଭଳି ସୁବ୍ରତ ବ୍ୟଥିତ ହେଉଛନ୍ତି ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ। କୃଷ୍ଣାଙ୍କର ସୁବ୍ରତଙ୍କ ପ୍ରତି ଥିବା ଦାୟିତ୍ୱ ଏବଂ ଘର ପ୍ରତିଥିବା ସମର୍ପଣ ଭାବକୁ ନେଇ ଏବେ ସୁବ୍ରତ ଅନୁଭବ କରୁଛନ୍ତି । ସେହିଭଳି ଉଦାସ ଅପରାହ୍ନ ହେଉ କି ପ୍ରହେଳିକାର ପିଠି କିମ୍ବା ଆବେଗର ଶବ୍ଦ ହେଉ ଯାହାକୁ ପଢିବେ ତାହା ମନକୁ ଛୁଇଁବ ଓ ଆନ୍ଦୋଳିତ କରିବ ଏଥିରେ ସନ୍ଦେହ ନାହିଁ।

### ଓଡ଼ିଆ ସାହିତ୍ୟର ଦର୍ପଣ

**ଲେଖକ- ଡକ୍ଟର ଅଜିତ କୁମାର ଦାସ**
**ପ୍ରକାଶକ- ବିଦ୍ୟାପୁରୀ, ବାଲୁବଜାର, କଟକ-୨**
**ମୂଲ୍ୟ- ୮୦୦ଟଙ୍କା**

ଓଡ଼ିଆ ସାହିତ୍ୟର ଦର୍ପଣ ପୁସ୍ତକରେ ଦଶଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟରେ ଭାରତୀୟ ଭାଷା ପରିବାର ଓ ଓଡ଼ିଆ ଭାଷାର ବିକାଶକ୍ରମ, ଦ୍ୱିତୀୟରେ ଓଡ଼ିଆ ସାହିତ୍ୟର ବିକାଶ ଧାରା(ପ୍ରାଚୀନରୁ ମଧ୍ୟଯୁଗ), ତୃତୀୟରେ ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ଧାରା, ଚତୁର୍ଥରେ



ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ କଥା ସାହିତ୍ୟ, ପଞ୍ଚମରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା, ଷଷ୍ଠରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟ, ସପ୍ତମରେ ଓଡ଼ିଆ ଗଦ୍ୟ ସାହିତ୍ୟ, ଅଷ୍ଟମରେ ନାଟ୍ୟ ସାହିତ୍ୟ, ନବମରେ ପ୍ରାଚ୍ୟ ପ୍ରାଶ୍ଚତ୍ୟ ସାହିତ୍ୟ ତତ୍ତ୍ୱ ଓ ଦଶମରେ ଓଡ଼ିଶାର ପର୍ବପର୍ବାଣୀ ଓ ଜଗନ୍ନାଥ ସଂସ୍କୃତି ଆଦି ବିଷୟ ରହିଛି ; ଯାହା ଏକ ଉପାଦେୟ ପୁସ୍ତକ।

ବ୍ୟାକ୍ ପେଜ୍

# ଡବଲ ଡେକର୍ ସାଇକେଲ

ଡବଲ ଡେକର୍ ବସ୍ ତ ପ୍ରାୟ ସମସ୍ତେ ଦେଖିଥିବେ। ହେଲେ କେବେ ଡବଲ ଡେକର୍ ସାଇକେଲ ଦେଖିଛନ୍ତି କି ତା' ସମ୍ପର୍କରେ ଶୁଣିଛନ୍ତି ? ହଁ ଏମିତି ବି ସାଇକେଲ ଅଛି, ଯାହା ଦୁଇ ଥାକ ବିଶିଷ୍ଟ। ଅର୍ଥାତ୍ ଏହି ଅଜବ ସାଇକେଲରେ ଗୋଟିଏ ସାଇକେଲ ଫ୍ରେମ୍



ଉପରେ ଆଉ ଏକ ସାଇକେଲ ଫ୍ରେମ୍ ଖଞ୍ଜା ଯାଇଥାଏ। ତେଣୁ ଏହା ବହୁତ ଉଚ୍ଚା। ଆଉ ଚାଳକଙ୍କୁ ଉପରେ ଥିବା ସିଟ୍‌ରେ ବସି ସାଇକେଲ ଚଳାଇବାକୁ ହୁଏ। ଏହି ଅଜବ ସାଇକେଲକୁ ତିଆରି କରିଛନ୍ତି ଆଲେକ୍ସ ଡି ଲା କ୍ରୁଜ୍। ସେ କୁହନ୍ତି,'ଆମ ବାଡିପଟେ ଅନେକ ଭଙ୍ଗା ସାଇକେଲ ଥିଲା। ମୋ ସ୍ତ୍ରୀ କହୁଥିଲେ ସେ ସବୁକୁ ଫିଙ୍ଗି ଦେବାପାଇଁ। ତେଣୁ ସେସବୁକୁ ମୁଁ ଗଦେଇକି ରଖିବା ଆରମ୍ଭ କଲି। ଥରେ ଦେଖିଲି ଗୋଟେ ସାଇକେଲ ଉପରେ ଆଉ ଏକ ସାଇକେଲ ଥିଲା। ଯୋଜନା କଲି ଦୁଇ ସାଇକେଲକୁ ଯୋଡିଲେ କେମିତି ହେବ। ଆଉ ମୁଁ ଦୁଇଟି ସାଇକେଲକୁ ଗୋଟିକ ଉପରେ ଗୋଟାକୁ ରଖି ୱେଲ୍ଡିଂ କଲି। ପେଡାଲକୁ ଦୁଇ ସାଇକେଲ ମଝି ସ୍ଥାନରେ ରଖି ଚେନ୍‌କୁ ସେ ପର୍ଯ୍ୟନ୍ତ ଲମ୍ବେଇଲି। ଆଉ ଏକ ଭିନ୍ନ ସାଇକେଲ ତିଆରି ହେଇଗଲା। ଚଲେଇବାକୁ ବି ଭଲ ଲାଗିଲା। ତେଣୁ ପରେ ମୁଁ ଆହୁରି ସେହିଭଳି କେତୋଟି ସାଇକେଲ ତିଆରି କଲି। ଯେବେ ଏହି ସାଇକେଲ ଚଳାଇ ମୁଁ ରାସ୍ତାରେ ଯାଏ ଲୋକେ ମତେ ବୁଲି ବୁଲି ଚାହାନ୍ତି।



# ୱିଙ୍ଗ ୱାକର

ବୟସ ଯାହା ହେଉନା କାହିଁକି ଯଦି ସାହସ ଓ ଦୃଢ ମନୋବଳ ଅଛି ତେବେ କିଛି ବି ଅସମ୍ଭବ ନୁହେଁ। ଏଇ ଯେମିତି ୯୩ ବର୍ଷୀୟ ଟମ୍ ଲ୍ୟାକି, ୱିଙ୍ଗ ୱାକର୍ ହୋଇ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଏରୋପ୍ଲେନର ଡେଣାରେ ଠିଆ ହୋଇ ସେ ୯୧ ମିନିଟ୍ ଯାତ୍ରା କରି ସବୁଠାରୁ ବୟସ୍କ ୱିଙ୍ଗ ୱାକର ପାଲଟିଛନ୍ତି। ଯଦିଓ ତାଙ୍କୁ ୧୯୪୩ ବୋଇଂ ଷ୍ଟିୟରମ୍ୟାନ ବିପ୍ ଏରୋପ୍ଲେନ ଡେଣାରେ ଭଲଭାବେ ବନ୍ଧା ଯାଇଥିଲା ହେଲେ ଏହି ଯାତ୍ରା ଏତେଟା ସହଜ ନୁହେଁ। ୧୦୦୦ ଫୁଟ ଉଚ୍ଚତାରେ ପବନ ଆସି ଖୁବ୍ ଜୋର୍‌ରେ ଦେହରେ ପିଟି ହୁଏ। ତା'ସାଙ୍ଗକୁ ଏରୋପ୍ଲେନ୍ ଇଞ୍ଜିନର କାନଫଟା କର୍କଶ ଶବ୍ଦ। ଏସବୁ ଭିତରେ ଏତେ ସମୟ ଯାତ୍ରା ଭାରି ବିପଜ୍ଜନକ ଓ କଷ୍ଟକର। ତଥାପି ସେ ଏଥିରେ ସଫଳ ହୋଇଥିଲେ। ଆଉ କ୍ୟାସେଲ କେନେଡିଠାରୁ ସ୍କଟଲାଣ୍ଡ ଓ ଡେରି ଏୟାରପୋର୍ଟ ପର୍ଯ୍ୟନ୍ତ ଯାଇଥିଲେ। ଏହାପୂର୍ବରୁ ଯେବେ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା ସେ ପ୍ରଥମଥର ପାଇଁ ଏରୋପ୍ଲେନରେ ବନ୍ଧା ହୋଇ ୨୧ ମିନିଟର ୱିଙ୍ଗ ୱାକ କରିଥିଲେ।



# ବଡ଼ ହ୍ୟୁମାନୋଏଡ୍ ରୋବୋ

ବିଭିନ୍ନ କାର୍ଟୁନ ଫିଲ୍ମରେ ଦେଖିଥିବେ ବଡ଼ ବଡ଼ ଦୈତ୍ୟାକାର ରୋବୋ ମଣିଷଙ୍କ ପରି ଚଲାବୁଲା କରନ୍ତି। ବେଳେବେଳେ ତ ଏମାନଙ୍କୁ ଧ୍ୱଂସର ତାଣ୍ଡବ ଲୀଳା କରୁଥିବା ବି ଦେଖିଥିବେ। ତେବେ ବାସ୍ତବ ଜୀବନରେ ଯଦି ଏଭଳି ରୋବୋ ରାସ୍ତାଘାଟରେ ବୁଲିବେ କେମିତି ଲାଗିବ ଭାବିଲେ। ଜାପାନର ଏକ ମେକାନିକାଲ କମ୍ପାନୀ ତିଆରି କରିଛି ଏହିଭଳି ଏକ ବିରାଟକାୟ ରୋବୋ, ଯାହାକି ଚଲାବୁଲା କରିପାରେ। ମୋନୋନୋଫୁ(ଅର୍ଥାତ୍ ସାମୁରାଇ ୱାରିୟର୍) ନାମକ ଏହି ରୋବୋର ଉଚ୍ଚତା ୨୭ ଫୁଟ ୯ ଇଞ୍ଚ, ଲମ୍ବା ୧୪ ଫୁଟ ଓ ଓସାର ୧୩ ଫୁଟ ୧ ଇଞ୍ଚ। ଉକ୍ତ ରୋବୋର ଉପର ଭାଗରେ ପାଇଲଟ୍ ବସିବା ଲାଗି କକ୍‌ପିଟ୍ ଅଛି। ତେଣୁ ଏହା ଭିତରେ ଲିଫ୍ଟର ବି ସୁବିଧା ଅଛି। ଯାହା ମାଧ୍ୟମରେ ପାଇଲଟ୍ ସହଜରେ କକ୍‌ପିଟ୍‌କୁ ଯାଇପାରିବେ। ଆଉ ତାହା ଭିତରେ ଉକ୍ତ ରୋବୋକୁ କଣ୍ଟ୍ରୋଲ କରିବା ଲାଗି ଅନେକ ଯନ୍ତ୍ର ରହିଛି। ପାଇଲଟ୍ ଏହା ମାଧ୍ୟମରେ ରୋବୋକୁ ଗତିଶୀଳ କରାଇଥାନ୍ତି। ଏହି ରୋବୋ ପୃଥିବୀର ସବୁଠାରୁ ବଡ଼ ହ୍ୟୁମାନୋଏଡ ରୋବୋ ଭାବେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି।

